# ସଚ୍ଚୋଟତା



ଆଶିଷ୍ ରାଇଚୁର୍

**କେବଳ ମାଗଣା ବଣ୍ଟନ ନିମନ୍ତେ**
ଅଲ୍ ପିପୁଲ୍ସ ଚର୍ଚ୍ଚ ଏଣ୍ଡ ୱାର୍ଲ୍ଡ ଆଉଟରିଚ୍, ବାଙ୍ଗାଲୋର, ଭାରତ ଦ୍ୱାରା ମୁଦ୍ରଣ ଓ ବଣ୍ଟନ
ବର୍ତ୍ତମାନ ସଂଶୋଧନ: 2024

**ଯୋଗାଯୋଗ ସୂଚନା**
All Peoples Church & World Outreach,
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: **bookrequest@apcwo.org**
Website: **apcwo.org**

ଅନ୍ୟଥା ସୂଚୀତ ନ ହେବା ପର୍ଯ୍ୟନ୍ତ , ସମସ୍ତ ଶାସ୍ତ୍ରର ଉଦ୍ଧୃତିଗୁଡ଼ିକ ପବିତ୍ର ବାଇବଲ, ବିଏସି - ଓଡ଼ିଆ - ଓଭି ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ (BSI) ଦ୍ୱାରା ପ୍ରକାଶିତ | ଅନୁମତି ଦ୍ୱାରା ବ୍ୟବହୃତ | ସମସ୍ତ ଅଧିକାର ସଂରକ୍ଷିତ ଆର୍ଥିକ ସହଭାଗିତା

**ଆର୍ଥିକ ସହଭାଗିତା**
ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟଗଣ, ସହକର୍ମୀଗଣ ଓ ବନ୍ଧୁମାନଙ୍କ ଆର୍ଥିକ ସାହାଯ୍ୟ ସକାଶେ ଏହି ପ୍ରକାଶନର ସମସ୍ତ ବହି ମାଗଣା ବଣ୍ଟନ କରିବା ପାଇଁ ସମ୍ଭବ ହୋଇଅଛି । ଯଦି ଆପଣ ଏହି ମାଗଣା ପ୍ରକାଶନ ମାଧ୍ୟମରେ ସମୃଦ୍ଧ ହୋଇଅଛନ୍ତି,ତେବେ ଆମର ଅଲ୍ ପିପୁଲ୍ସ ଚର୍ଚ୍ଚର ସମସ୍ତ ମାଗଣା ପ୍ରକାଶନର ମୁଦ୍ରଣ ଓ ବିତରଣରେ ଆର୍ଥିକ ସହାୟତା କରିବା ନିମନ୍ତେ ଆମେ ଆପଣଙ୍କୁ ନିମନ୍ତ୍ରଣ ଆମେ ଆପଣଙ୍କୁ ନିମନ୍ତ୍ରଣ କରୁଛୁ । କିପରି ଆପଣ ସାହାଯ୍ୟ ଦାନ କରିପାରିବେ ଏଥିପାଇଁ ଆମର ୱେବସାଇଟ ଦେଖନ୍ତୁ **apcwo.org/give** କିମ୍ବା ଏହି ପୁସ୍ତକର ପଛ ପାର୍ଶ୍ୱରେ ଲେଖା ଥିବା "ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର" ପୃଷ୍ଠାଟି ଦେଖନ୍ତୁ ।

**ମାଗଣା ଉତ୍ସର୍ଗୀକୃତ ପୁସ୍ତକଗୁଡିକ ଏବଂ ୱେବସାଇଟ ସମ୍ବନ୍ଧୀୟ ବିଷୟ**
**ଉପଦେଶଗୁଡ଼ିକ:** apcwo.org/sermons | **ପୁସ୍ତକଗୁଡ଼ିକ:** apcwo.org/books
**ଚର୍ଚ୍ଚର ଆପ:** apcwo.org/app | **ବାଇବଲ ମହାବିଦ୍ୟାଳୟ:** apcbiblecollege.org
**ଇ-ଶିକ୍ଷା:** apcbiblecollege.org/elearn | **ପରାମର୍ଶ:** chrysalislife.org
**ସଙ୍ଗୀତ:** apcmusic.org | **ସେବକମାନଙ୍କ ସହଭାଗୀତା:** pamfi.org
**ଏପିସି ବିଶ୍ୱସ୍ତରୀୟ ଲକ୍ଷ୍ୟ:** apcworldmissions.org

(Odia – Integrity)

# ସଚ୍ଚୋଟତା

# ସୂଚୀପତ୍ର


ଉପକ୍ରମ

1. ସଚ୍ଚୋଟତା ସମ୍ବନ୍ଧୀୟ ଶିକ୍ଷା 1
2. ଈଶ୍ୱର ଆମର ସଚ୍ଚୋଟତା ପରୀକ୍ଷା କରନ୍ତି ଓ ଜାଣନ୍ତି (କିମ୍ବା ତାହା ଉଣା ପଡ଼ିବାର ଜାଣନ୍ତି!) 6
3. ଆମେ ତଥାପି କାହିଁକି ସଚ୍ଚୋଟତା ସହିତ ସାଲିସ୍ କରୁ? 8
4. ଅସାଧୁତାର ପରିଣାମ 12
5. ଧାର୍ମିକର ଆଶୀର୍ବାଦସମୂହ 16
6. ଉତ୍ତର—ଉଦ୍ଧାର, ଅନୁତାପ, ଆତ୍ମତ୍ୟାଗ ଏବଂ ସମର୍ପଣ 19

# ଉପକ୍ରମ

ପୃଥିବୀରେ ଯେତେ ପ୍ରକାର ଦୁର୍ନୀତି ଆମ ଦେଖୁ, ବିଶେଷକରି ଆମେ ଯେତେବେଳେ ସରକାରୀ ଅଫିସ୍ କିମ୍ବା ଅନ୍ୟ ସ୍ଥାନକୁ ଯାଉ, ଆମ ସମସ୍ତଙ୍କର ଏହି ଦୁର୍ନୀତି ବିଷୟରେ କହିବା ପାଇଁ ଅନେକ କାହାଣୀ ଅଛି । ପ୍ରାୟ ସବୁ ସ୍ଥାନରେ ଆମେ ଦୁର୍ନୀତି, ଅସାଧୁତା ଓ ଲାଞ୍ଚ କାରବାରର ସମ୍ମୁଖୀନ ହୋଇଥାଉ । ଏହା ଏକ ପ୍ରଚଳିତ ଧାରା ପରି ମନେ ହୁଏ । ଅସାଧୁତା, ଠକିବା ଏବଂ ମିଛ କହିବା ପ୍ରାୟ ଗ୍ରହଣୀୟ ମନେ ହୁଏ ଯେପର୍ଯ୍ୟନ୍ତ ଏପରି କରିବାର କାରଣ ଥାଏ ।

ତଥାପି, ଦୁଃଖର ବିଷୟ ଏହି ଯେ ଆମେ ଈଶ୍ୱରଙ୍କ ଲୋକମାନଙ୍କ ଭିତରେ—ଅର୍ଥାତ୍ ଆମ ଭିତରେ ଅସାଧୁତା, ଅଧାର୍ମିକତା ଏବଂ ସଚ୍ଚୋଟତାର ଅଭାବ ଦେଖୁ, କାରଣ ଅନ୍ତତଃ ପକ୍ଷେ ଆମେ ଏହିସବୁ ବିଷୟରେ ଅଧିକ ଜାଣିବା ଆବଶ୍ୟକ । କିପରି ସଚ୍ଚୋଟତା,ସାଧୁତା, ପବିତ୍ରତା ଏବଂ ଧାର୍ମିକତାରେ ଚାଲିବାକୁ ହେବ ଆମେ ତାହା ଜାଣିବା ଉଚିତ କାରଣ ଆମେ ଈଶ୍ୱରଙ୍କ ବାକ୍ୟ ପଢୁ ଏବଂ ତାହା ଏହି ସମସ୍ତ ବିଷୟରେ ଶିକ୍ଷା ଦିଏ । ଆହୁରି ଖରାପ ଲାଗେ ଯେତେବେଳେ ଆମେ ପାଳକ, ପ୍ରଚାରକ, ଶିକ୍ଷକ ଓ ବାକ୍ୟର ପରିଚାରକମାନଙ୍କ ଭିତରେ ଅଧାର୍ମିକତା, ଅସାଧୁତା ଓ ସଚ୍ଚୋଟତାର ଅଭାବ ଦେଖୁ । ମୁଁ ନିଶ୍ଚିତ ଯେ, ଆମ ମଧ୍ୟରୁ ଅନେକେ ଲାଞ୍ଚୁଆ, ମିଛୁଆ, ଅସାଧୁ "ଖ୍ରୀଷ୍ଟିୟାନମାନଙ୍କ" କାହାଣୀ କହିପାରିବେ ।

ଯେତେବେଳେ ଆମେ ବାଙ୍ଗାଲୋରରେ ଆମର ଅଲ୍ ପିପୁଲ୍ସ ମଣ୍ଡଳୀ ସ୍ଥାପନ କଲୁ ଏବଂ ପାଳକୀୟ କାର୍ଯ୍ୟ ଆରମ୍ଭ କଲୁ, ଆମର ଏହି ଚିନ୍ତାଧାରା ଥିଲା ଯେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ସତ କହିବେ । ଆମ୍ଭେ ସମ୍ଭବତଃ ଏହିପ୍ରକାର ଭାବିଥିଲୁ କାରଣ ଏହା ପୂର୍ବରୁ ଆମେ ଏକ ଛୋଟ ଗୋଷ୍ଠୀ ଭିତରେ କାର୍ଯ୍ୟ କରୁଥିଲୁ ଯେଉଁମାନେ ସମସ୍ତେ ପ୍ରାୟତଃ ସତ କହୁଥିଲେ ଏବଂ ଆମେ ବିନା ସନ୍ଦେହରେ ସେମାନଙ୍କୁ ଭରସା କରୁଥିଲୁ । ତେଣୁ ସେହି ଧାରଣା ଆମ ମଧ୍ୟରେ ରହିଥିଲା । କିନ୍ତୁ, ଖ୍ରୀଷ୍ଟିୟାନମାନେ ମିଛ କହୁଥିବା ଦେଖି ଆମେ ଆଘାତ ପାଇଥିଲୁ! ଆମର ତୁରନ୍ତ ପ୍ରତିକ୍ରିୟା ଥିଲା

ଅବିଶ୍ୱାସ—"ଖ୍ରୀଷ୍ଟିୟାନମାନଙ୍କ ଠାରୁ ମିଛ କହିବା, ଅଧାର୍ମିକତାର କାର୍ଯ୍ୟ କରିବା ଏବଂ ସଚ୍ଚୋଟତାର ଅଭାବ ଆଶା କରାଯାଇ ନ ପାରେ!"

ଏପରିକି ଆମେ ପାଳକ ଓ ପ୍ରଭୁଙ୍କ ସେବକମାନଙ୍କୁ ଭେଟିଲୁ ଯେଉଁମାନେ ଅସାଧୁ ଥିଲେ । ମୁଁ ଏପରି ଅନେକ ଘଟଣା ସ୍ମରଣ କରିପାରେ—ଅନେକଙ୍କଠାରୁ ଉତ୍ତମ ବିବରଣୀ ଶୁଣିଛି ଏବଂ ଏପରିକି ସେମାନଙ୍କ କାର୍ଯ୍ୟର ଫୋଟଗୁଡ଼ିକ ମଧ୍ୟ ଦେଖିଛି । ସେମାନଙ୍କ କଥାରେ ବିଶ୍ୱାସ କରି ଅନେକ ଥର ହଜାର ହଜାର ଚେକ୍ ମଧ୍ୟ ପଠାଇଛି । ଶେଷରେ ଆମେ ଚେତନା ପାଇଲୁ ଯେ ଲୋକଙ୍କ କଥାରେ ସହଜରେ ବିଶ୍ୱାସ କରିବା ଠିକ ନୁହେଁ । ତା'ପରେ ଆମେ ଏକ ନିର୍ଣ୍ଣୟରେ ପହଞ୍ଚିଲୁ ଯେ କୌଣସି ବିଷୟରେ ନିଶ୍ଚିତ ନ ହେଲେ ଲୋକଙ୍କୁ ବିଶ୍ୱାସ କରିବା ଅନୁଚିତ! ଆମର ଚିନ୍ତାଧାରାକୁ ପରବର୍ତ୍ତନ କରିବାକୁ ହେଲା । ଲୋକଙ୍କୁ ପୂରା ବିଶ୍ୱାସ କରିବା ପୂର୍ବରୁ ପ୍ରଥମେ ସେମାନଙ୍କୁ ଯାଞ୍ଚ କରିବା ଜରୁରୀ ଅଟେ ବୋଲି ଆମେ ମନେ କଲୁ ।

ଏହି ଲେଖାର ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କ ଲୋକ ହିସାବରେ ଆମ ଭିତରେ ନିମ୍ନଲିଖିତ ବିଷୟଗୁଡ଼ିକ ଆଲୋକିତ କରାଇବା:

- ସଚ୍ଚୋଟତା ପ୍ରତି ଏକ ସମର୍ପଣ
- ସାଧୁତା ପ୍ରତି ଏକ ସମର୍ପଣ
- ଆମର କଥାବାର୍ତ୍ତାରେ ସରଳତା ଓ ଧାର୍ମିକତା ନିମନ୍ତେ ସମର୍ପିତ ହେବା, ଆମର ବାଣିଜ୍ୟ ବ୍ୟବସାୟରେ, ଆମର ବୃତ୍ତି ଓ ଯାହା କିଛି କରୁ ସେଥିରେ ସାଧୁତା ରକ୍ଷା କରିବା । ଆମର ଆଭିମୁଖ୍ୟ ହେବା ଉଚିତ "ଯାହା ମୂଲ୍ୟ ଦେବାକୁ ପଡୁ ପଛେ ଆମେ ଧାର୍ମିକତା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିବୁ।"
- ସଚ୍ଚୋଟତାରେ ଚାଲିବାର ଆଶୀର୍ବାଦସମୂହ ପ୍ରତି ଏକ ଜାଗରଣ । ଯେତେବେଳେ ଆମେ ସହଜରେ ମିଛ କହିବାର ମାର୍ଗକୁ ଆପଣାଉ ସେତେବେଳେ ଆମେ ବୁଝିପାରି ନ ଥାଉ ଯେ ଈଶ୍ୱର ଆମପାଇଁ ଯେସମସ୍ତ ଆଶୀର୍ବାଦ ରଖିଛନ୍ତି ସେଗୁଡ଼ିକୁ ଆମେ ହରାଇବସୁ।
- ଈଶ୍ୱରଙ୍କ ବଶୀଭୂତ ହୋଇ ଆମକୁ ଧରି ରଖିଥିବା ବନ୍ଧନସବୁକୁ ଛିଣ୍ଡାଇବାକୁ ତାଙ୍କୁ ଅନୁମତି ଦେବା ଯେପରି କି ଏହିସବୁ ଦିଗରେ ଆମେ ପରିବର୍ତ୍ତିତ ହୋଇପାରିବା । ଆମ ମଧ୍ୟରୁ କେତେକେ ବନ୍ଧନ ଅବସ୍ଥାରେ ରହିଥାଉ ଏବଂ

ସତ୍ୟ କହିବାକୁ ଚାହିଁଲେ ମଧ୍ୟ କହିପାରି ନ ଥାଉ । ଯଦି ତାହା ହୋଇଥାଏ, ତେବେ ଏହା ସମ୍ଭବ ଯେ ଆମକୁ ମିଥ୍ୟା ଓ ପ୍ରତାରଣାର ଆତ୍ମାସବୁଠାରୁ ମୁକ୍ତ ହେବାକୁ ପଡ଼ିବ ଯାହା ବାଇବଲ କହେ ।

ଈଶ୍ୱର ଆପଣମାନଙ୍କୁ ଆଶିର୍ବାଦ କରନ୍ତୁ!

ଆଶିଷ୍ ରାଇଚୁର୍

# 1
# ସଚ୍ଚୋଟତା ସମ୍ବନ୍ଧୀୟ ଶିକ୍ଷା

ବାଇବଲ ଆମକୁ ସଚ୍ଚୋଟତା, ସରଳତା ଏବଂ ସାଧୁତାରେ ଚାଲିବାକୁ ଶିକ୍ଷା ଦିଏ ।

**ହିତୋପଦେଶ 6:16-19**
**16 ଛଅଗୋଟି ବିଷୟକୁ ସଦାପ୍ରଭୁ ଘୃଣା କରନ୍ତି, ସପ୍ତବସ୍ତୁ ମଧ୍ୟ ତାହାଙ୍କର ଘୃଣାଯୋଗ୍ୟ ।**
**17 ଅହଙ୍କାର-ଦୃଷ୍ଟି, ମିଥ୍ୟାବାଦୀ ଜିହ୍ୱା ଓ ନିର୍ଦ୍ଦୋଷର ରକ୍ତପାତକାରୀ-ହସ୍ତ;**
**18 ଅନିଷ୍ଟଚିନ୍ତକ ଅନ୍ତଃକରଣ, କୁକର୍ମ କରିବାକୁ ବେଗଗାମୀ ଚରଣ;**
**19 ମିଥ୍ୟାସାକ୍ଷୀ ଯେ ମିଥ୍ୟା କହେ ଓ ଯେ ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣଇ ।**

ହିତୋପଦେଶ 6:16-19 ସଦାପ୍ରଭୁ ଘୃଣା କରୁଥିବା ବିଷୟଗୁଡ଼ିକର ଏକ ତାଲିକା ଅଟେ। ଏଥିରେ ରହିଛି ମିଥ୍ୟା କହିବା, ମନ୍ଦ ପରିକଳ୍ପନା କରିବା, ମନ୍ଦ କାର୍ଯ୍ୟ କରିବା,ମିଥ୍ୟାସାକ୍ଷ୍ୟ ଦେବା, ଏବଂ କଳିର ବୀଜ ବୁଣିବା । ଉଦାହରଣ ସ୍ୱରୂପ, ଯଦି ଏକ କମ୍ପାନୀର ଜଣେ ହିସାବ ରକ୍ଷକ ପ୍ରକୃତ ତଥ୍ୟକୁ ଲୁଚାଇ ଭୁଲ ସଂଖ୍ୟା ଦେଇ ବିବରଣୀ ପ୍ରସ୍ତୁତ କରେ, ତାହା ବାସ୍ତବରେ ମନ୍ଦ ପରିକଳ୍ପନା ଅଟେ । ଯାହା ଆମେ ଦେଖି ନାହୁଁ ଯଦି ତାହା ଦେଖିଛୁ ବୋଲି କହୁ, ତାହା ମିଥ୍ୟା ସାକ୍ଷ୍ୟ ଅଟେ ଏବଂ ଈଶ୍ୱରଙ୍କ ଦୃଷ୍ଟିରେ ତାହା ଘୃଣା ଯୋଗ୍ୟ ।

**ହିତୋପଦେଶ 12:22**
**ମିଥ୍ୟାବାଦୀ ଓଷ୍ଠ ସଦାପ୍ରଭୁଙ୍କ ଘୃଣାବିଷୟ; ମାତ୍ର ଯେଉଁମାନେ ସତ୍ୟ ବ୍ୟବହାର କରନ୍ତି, ସେମାନେ ତାହାଙ୍କର ତୁଷ୍ଟିକର ।**

ପ୍ରଭୁ "ମିଥ୍ୟା ଓଷ୍ଠାଧର"କୁ ଏକ ସାଧାରଣ ଚାରିତ୍ରିକ ଦୋଷ ବୋଲି ଅଣଦେଖା କରି ଛାଡ଼ିଦେବେ ନାହିଁ । କଥା ହେଲା ଯେହେତୁ ଏହା ସଦାପ୍ରଭୁଙ୍କ ଘୃଣା ବିଷୟ, ଏହା ପ୍ରକାଶ କରେ ଯେ ସେ ଏହାକୁ କଦାପି ବରଦାସ୍ତ କରିବେ ନାହିଁ । ଅନ୍ୟ ପକ୍ଷରେ ଯେଉଁମାନେ ସତ୍ୟରେ ଆଚରଣ କରନ୍ତି ସେମାନେ ଈଶ୍ୱରଙ୍କର ତୁଷ୍ଟିକର ଅଟନ୍ତି । ଯଦି ଆମେ ଆମର ଚାକିରିରେ, ଆମର ଅର୍ଥବ୍ୟବସ୍ଥାରେ ଏବଂ ଜୀବନର ସବୁ କ୍ଷେତ୍ରରେ ସାଧୁତାରେ ଚାଲିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଟୁ, ବାଇବଲ କହେ, "ଆମେ ତାହାଙ୍କର

ତୁଷ୍ଟିକର ଅଟୁ" । ଆମେ ସତ୍ୟରେ ଆଚରଣ କଲେ ଈଶ୍ୱର ଅତିଶୟ ଆନନ୍ଦିତ ହୁଅନ୍ତି । ଯଦି ଆମର ଉପର ଅଧିକାରୀ କିଛି ଅସତ କାର୍ଯ୍ୟ କରିବାପାଇଁ କହନ୍ତି, ଏହା ଆମ ଉପରେ ନିର୍ଭର କରେ ଆମେ ଆମର ଅଧିକାରୀଙ୍କର ନା ଈଶ୍ୱରଙ୍କ ସନ୍ତୋଷପାତ୍ର ହେବାକୁ ଚାହୁଁ । ନିଷ୍ପତ୍ତି ସମ୍ପୂର୍ଣ୍ଣଭାବେ ଆମର ଅଟେ । ଆମକୁ ସମ୍ପୂର୍ଣ୍ଣ ଭାବେ ସଚ୍ଚୋଟତା ପ୍ରତି ପ୍ରତିଶ୍ରୁତିବଦ୍ଧ ହେବା ଜରୁରୀ ଅଟେ ।

**ଯାତ୍ରାପୁସ୍ତକ 23:6-8**

**6 ଦରିଦ୍ରର ବିଚାରରେ ତୁମ୍ଭେ ତାହା ପ୍ରତି ଅନ୍ୟାୟ କରିବ ନାହିଁ ।**

**7 ମିଥ୍ୟା ବିଷୟରୁ ଆପଣାକୁ ଦୂରରେ ରଖ; ପୁଣି ନିର୍ଦ୍ଦୋଷକୁ ଓ ଧାର୍ମିକକୁ ନଷ୍ଟ କର ନାହିଁ; ଯେହେତୁ ଆମ୍ଭେ ଦୁଷ୍ଟକୁ ନିର୍ଦ୍ଦୋଷ କରିବା ନାହିଁ ।**

**8 ତୁମ୍ଭେ ଲାଞ୍ଚ ନେବ ନାହିଁ, କାରଣ ଲାଞ୍ଚ ଦୃଷ୍ଟି ଥିବା ଲୋକମାନଙ୍କୁ  ଅନ୍ଧ କରିଦିଏ ଓ ଧାର୍ମିକମାନଙ୍କର ବାକ୍ୟ ଅନ୍ୟଥା କରେ ।**

ଏହା କେତେ ହାସ୍ୟାସ୍ପଦ ବିଷୟ ଯେ ବେଳେବେଳେ ଆମେ ଭାବୁ ମିଥ୍ୟାର ପ୍ରଶୟ ନେଇ ଆମେ ସତ୍ୟକୁ ରକ୍ଷା କରିବାକୁ ହେବ! ଏହା ଅନାବଶ୍ୟକ ଅଟେ କାରଣ ସତ୍ୟ ନିଜେ ଠିଆ ହେବାକୁ ସକ୍ଷମ ଏବଂ ଆମର ମିଥ୍ୟା ଦ୍ୱାରା ଏହାକୁ ରକ୍ଷା କରିବା ଅନାବଶ୍ୟକ । କର୍ମସ୍ଥଳରେ ଏହି ଯେଉଁ ଘଟଣା ପ୍ରାୟ ଘଟିଥାଏ ତାହାକୁ ଲକ୍ଷ୍ୟ କରନ୍ତୁ—ଆପଣଙ୍କ ଜଣେ ସହକର୍ମୀ ଫୋନରେ ଆପଣଙ୍କୁ ଅନୁରୋଧ କରି କହିଲେ ଯେ ସେ ଅସୁସ୍ଥ ଅଛନ୍ତି ବୋଲି ଉପର ଅଧିକାରୀଙ୍କୁ ଜଣାଇଦିଅ, କିନ୍ତୁ ପ୍ରକୃତରେ ସେ ସୁସ୍ଥ ଅଛନ୍ତି ଓ ଦିନେ ଛୁଟି ନେଇ ଅନ୍ୟ କିଛି କାମ କରିବେ । ଆପଣ ଏଥିରେ ରାଜି ହୋଇଗଲେ ଆଉ ଅଧିକାରୀଙ୍କୁ ମିଛ କହିଲେ । ଆପଣ ହୁଏତ ମନ କରିବେ ଯେ ନିଜ ବନ୍ଧୁକୁ ସାହାଯ୍ୟ କରି ଭଲ କାମ କଲେ, କିନ୍ତୁ ବାସ୍ତବରେ ଆପଣ ମିଛ କହିଲେ କାରଣ ଆପଣ ଜାଣନ୍ତି ଯେ ଆପଣଙ୍କ ବନ୍ଧୁ ଅସୁସ୍ଥ ନୁହଁନ୍ତି ଆଉ କିଛି ବ୍ୟକ୍ତିଗତ କାମରେ ଯାଉଛନ୍ତି । ଏହା ସତ୍ୟ ଯେ ମିଛ କହିବାରେ ଆପଣ ତାଙ୍କ ସହିତ ସହଭାଗୀ ହେଲେ । ଯାତ୍ରାପୁସ୍ତକ 23:7 ଆମକୁ ମିଥ୍ୟା କଥାରୁ ଦୂରରେ ରୁହ ବୋଲି କୁହେ । ଏପରି ବିଷୟରେ ସାମିଲ ହୁଅନ୍ତୁ ନାହିଁ । ନିଜ ସହକର୍ମୀକୁ କହିବା ପାଇଁ ସାହସିକ ହୁଅନ୍ତୁ ଯେପରିକି ସେ ଅଧିକାରୀଙ୍କୁ ସତ୍ୟ କହିବେ । ବେଳେବେଳେ ଆମେ ଏପରି ବିଷୟରେ ଜଡ଼ିତ ହୋଇଯାଉ କାରଣ ଆମେ ଭାବୁ ଯେ ଆମ ବନ୍ଧୁକୁ ଆମେ ସାହାଯ୍ୟ କରୁଛୁ। ନା, ଏହା ଠିକ୍ ନୁହେଁ!

**ଗୀତସଂହିତା 34:13**
**ତୁମ୍ଭେ ହିଂସାରୁ ଆପଣା ଜିହ୍ୱା ଓ ଛଳବାକ୍ୟରୁ ଆପଣା ଓଷ୍ଠାଧର ରକ୍ଷା କର।**

ଆମକୁ ଜିହ୍ୱାର ନିୟନ୍ତ୍ରଣ କରିବାକୁ କୁହାଯାଇଛି (ଗୀତସଂହିତା 34:13)। ମନେରଖନ୍ତୁ ଯେ ଆମର ଜିହ୍ୱା ଆମର ନିୟନ୍ତ୍ରଣାଧୀନ ଅଟେ, ଶୟତାନର ନିୟନ୍ତ୍ରଣରେ ନାହିଁ । "ଶୟତାନ ମୋତେ ମିଛ କୁହାଇଲା ।" କେତେ ଲୋକ ଏପରି ବାହାନା କରନ୍ତି । କିନ୍ତୁ ପ୍ରକୃତରେ ସେମାନେ ମିଛ କହିଲେ । ହୁଏତ ବର୍ତ୍ତମାନ କେତେ ଲୋକ ବନ୍ଧନରେ ରହିଛନ୍ତି ଯେଉଁମାନଙ୍କୁ ଶୟତାନ ଅନିୟନ୍ତ୍ରିତ ମିଥ୍ୟା କହିବାର ସ୍ତରକୁ ନେଇଯାଇଛି, କିନ୍ତୁ ଯୀଶୁଙ୍କ ନାମରେ ସେହି ବନ୍ଧନ ଛିନ୍ନ ହୋଇପାରିବ । ତଥାପି, ସର୍ବଶେଷରେ ଆମ ଜିହ୍ୱା ଆମର ନିୟନ୍ତ୍ରଣାଧୀନ ଅଟେ । ଆମର ମିଥ୍ୟା କହିବାର ଅଭ୍ୟାସ ଯୋଗୁଁ ଆମେ ଶୟତାନକୁ,ପିତାମାତାଙ୍କୁ, ଆମ ଆତ୍ମୀୟ ପରିଜନଙ୍କୁ ଅବା ଯେଉଁ ପରିବେଶରେ ବଢ଼ିଛୁ ତାକୁ ଦୋଷ ନ ଦେଉ । ଆମର ଜିହ୍ୱାକୁ ନିୟନ୍ତ୍ରଣ କରିବା ବିଷୟ ଆମକୁ ହିଁ ଶିଖିବାକୁ ହେବ ।

ମିଛ କହିବାର ଅନ୍ୟ ଏକ ବାହାନା ଆମେ ବ୍ୟବହାର କରିଥାଉ, "ଈଶ୍ୱର ମୋର ହୃଦୟ ଜାଣନ୍ତି, ଯଦିବା ମୁଁ ଟିକିଏ ମିଛ କହିଦେଇଛି ମୁଁ ବାସ୍ତବରେ ଅତି ସଚ୍ଚୋଟ ଅଟେ"। ଏବଂ ଆମେ ଜମା ଚିନ୍ତିତ ହୋଇ ନ ଥାଉ ଏହା କିପରି ଲୋକଙ୍କୁ ପ୍ରଭାବିତ କରେ । କିନ୍ତୁ ନୂତନ ନିୟମ ଆମକୁ ଶିକ୍ଷା ଦିଏ ଯେ ଆମେ କେବଳ ଈଶ୍ୱରଙ୍କ ସାକ୍ଷାତରେ ନୁହେଁ ମାତ୍ର ମନୁଷ୍ୟମାନଙ୍କ ସାକ୍ଷାତରେ ମଧ୍ୟ ସଚ୍ଚୋଟ ହେବା ଉଚିତ । "ଈଶ୍ୱର ମୋତେ ଦେଖୁଛନ୍ତି ଏବଂ ମୋର ହୃଦୟ ଜାଣନ୍ତି", ଏହା କହିବା ଯଥେଷ୍ଟ ନୁହେଁ । ବାଇବଲ କହେ ଯେ ଆମେ ମନୁଷ୍ୟମାନଙ୍କ ଦୃଷ୍ଟିରେ ମଧ୍ୟ ସଚ୍ଚୋଟ ହେବା ଆବଶ୍ୟକ । *"ମନ୍ଦ ବଦଳରେ କାହାରି ମନ୍ଦ କରନାହିଁ, ମନୁଷ୍ୟଙ୍କ ଦୃଷ୍ଟିରେ ଯାହା ଯାହା ଉତ୍ତମ, ସେହିସବୁ ଚିନ୍ତା କର"* (ରୋମୀୟ 12:17) । ଉଦାହରଣ ସ୍ୱରୂପ, ଯଦି ଜଣେ ଲୋକ ଅତି ଅଭାବରେ ଅଛି, ସେ କାହାର ଚୋରି କରି ବାହାନା ଦେଇପାରିବ ନାହିଁ ଯେ—"ଈଶ୍ୱର ମୋତେ ଜାଣନ୍ତି ଏବଂ ମୋର ପରିସ୍ଥିତି ମଧ୍ୟ ଜାଣନ୍ତି । ମୁଁ ସାଧାରଣଭାବେ ଏହା କରି ନ ଥାନ୍ତି, କିନ୍ତୁ ନିହାତି ଅଭାବ ହେବାରୁ ଏହା କଲି" । ଜଣେ ଅତି ଅଭାବଗ୍ରସ୍ତ ବୋଲି ଈଶ୍ୱର ତାକୁ କ୍ଷମା କରିବେ ନାହିଁ!

**2 କରିନ୍ଥୀୟ 8:21**
**କାରଣ କେବଳ ପ୍ରଭୁଙ୍କ ଦୃଷ୍ଟିରେ ନୁହେଁ, କିନ୍ତୁ ମନୁଷ୍ୟମାନଙ୍କ ଦୃଷ୍ଟିରେ ମଧ୍ୟ ଯାହାସବୁ ଉତ୍ତମ,**

**ସେହିସବୁ ଆମ୍ଭେମାନେ ବିବେଚନା କରୁ ।**

ପାଉଲ ଏଠାରେ କହନ୍ତି ସେ କିପରି ଦାନ ସଂଗ୍ରହ କଲେ ଏବଂ ମଣ୍ଡଳୀଗୁଡ଼ିକ ଦେଇଥିବା ଅର୍ଥକୁ କିପରି ବ୍ୟବହାର କଲେ । ନିଜକୁ ସେ ଯେଭଳି ପରିଚାଳନା କଲେ ତାହା ଅତି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଥିଲା । ତାଙ୍କୁ ଯେଉଁ ଅର୍ଥ ଦିଆଯାଇଥିଲା ସେହି ଅର୍ଥକୁ ଅତି ଯତ୍ନର ସହିତ ଈଶ୍ୱରଙ୍କୁ ଓ ଅର୍ଥଦାତାଙ୍କୁ ହିସାବ ଦେବାପରି ସେ ପରିଚାଳନା କଲେ । ତାଙ୍କର ସମସ୍ତ କାର୍ଯ୍ୟ ଯେପରି ଈଶ୍ୱର ଓ ମନୁଷ୍ୟମାନଙ୍କ ସମ୍ମୁଖରେ ସ୍ୱଚ୍ଛ ଦେଖାଯିବ ସେଥିପାଇଁ ସେ ନିରନ୍ତର ଚେଷ୍ଟିତ ଥିଲେ ।

ସେଥିପାଇଁ ଆମେ ଅଲ୍ ପିପୁଲ୍ସ ଚର୍ଚ୍ଚ ଚେଷ୍ଟା କରୁ ଯେପରି ଆମର ସବୁ ହିସାବ ବହି ସଠିକ୍ ରହିବ । ଆମେ ମଧ୍ୟ ସମସ୍ତ ଆର୍ଥିକ କାରବାର ଓ ବିଲ୍‌ଗୁଡ଼ିକ ସାଇତି ରଖିବାକୁ ଯତ୍ନ କରୁ ଯେପରି ଯଦି କେହି ପ୍ରଶ୍ନ କରେ ଆମେ ଲିଖିତ ବିବରଣୀ ଦେଖାଇପାରିବୁ । ଆମକୁ ସେହି ଅଧିକା ପରିଶ୍ରମ କରିବାକୁ ପଡ଼ିବ ଯଦ୍ୱାରା ଆମେ ଈଶ୍ୱର ଓ ମନୁଷ୍ୟମାନଙ୍କ ନିକଟରେ ଉତ୍ତରଦାୟୀ ହୋଇପାରିବୁ ।

ଏଫିସୀୟ 4:25
**ଅତଏବ, ମିଥ୍ୟା ପରିତ୍ୟାଗ କରି ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀ ସହିତ ସତ୍ୟ ଆଳାପ କର, କାରଣ ଆମ୍ଭେମାନେ ପରସ୍ପରର ଅଙ୍ଗପ୍ରତ୍ୟଙ୍ଗ ।**

ଏହା ଅତି ଆଶ୍ଚର୍ଯ୍ୟ ଲାଗେ ଯେ ଆମେ କେମିତି ମଣ୍ଡଳୀ ଭିତରେ ପରସ୍ପରକୁ "ପ୍ରଭୁଙ୍କ ପ୍ରଶଂସା କର!" ବୋଲି ସମ୍ବୋଧନ କରୁ ଅଥଚ ପରସ୍ପରକୁ ମିଥ୍ୟା କହୁ। ବାଇବଲ ଆମକୁ କହେ ମିଥ୍ୟା ପରିତ୍ୟାଗ କରି ପରସ୍ପରକୁ ସତ୍ୟ କୁହ—ଆମେ ସମସ୍ତେ ଖ୍ରୀଷ୍ଟଙ୍କ ଶରୀରର ଅଂଶବିଶେଷ ଅଟୁ ଏଣୁ ଆମେ ପରସ୍ପରକୁ ସତ୍ୟ କହିବା ଉଚିତ ।

1 ପିତର 2:12
**ତୁମ୍ଭେମାନେ ବିଜାତିମାନଙ୍କ ମଧ୍ୟରେ ସଦାଚରଣ କର, ଯେପରି ସେମାନେ ଯେଉଁ ବିଷୟରେ ତୁମ୍ଭାମନଙ୍କୁ ଦୁଷ୍କର୍ମକାରୀ ବୋଲି ନିନ୍ଦା କରନ୍ତି, ତୁମ୍ଭମାନଙ୍କର ସୁକର୍ମ ଦେଖି ସେହି ବିଷୟରେ କୃପାଦୃଷ୍ଟି ଦିନରେ ଈଶ୍ୱରଙ୍କ ଗୌରବ କରିବେ ।**

ଯେତେବେଳେ ଜଗତର ଲୋକେ ଆମକୁ ପର୍ଯ୍ୟବେକ୍ଷଣ କରନ୍ତି, ଆମେ

ସଚ୍ଚୋଟ ଲୋକ ବୋଲି ସେମାନେ ଆମକୁ ଚିହ୍ନିବା ଆବଶ୍ୟକ । ସେହି ସ୍ତରରେ ଆମର ସଚ୍ଚୋଟତା ଓ ସାଧୁତା ରହିବା ଜରୁରୀ ଯେହେତୁ ଯେବେ ସେମାନେ ଆମକୁ ଦେଖନ୍ତି ତାଙ୍କ ପାଖରେ କିଛି କାରଣ ନ ଥିବ ଆମର ଭୁଲ ଧରିବା ପାଇଁ ।

# 2

# ଈଶ୍ୱର ଆମର ସଚ୍ଚୋଟତା ପରୀକ୍ଷା କରନ୍ତି ଓ ଜାଣନ୍ତି (କିମ୍ବା ତାହା ଊଣା ପଡ଼ିବାର ଜାଣନ୍ତି!)

ଈଶ୍ୱର ଆମର ସଚ୍ଚୋଟତା ପରୀକ୍ଷା କରନ୍ତି ଓ ଜାଣନ୍ତି । ଆମର ପାଳକ ହୁଏତ କେବେବି ଆମର ସଚ୍ଚୋଟତାର ସ୍ତରକୁ ଜାଣିପାରିବେ ନାହିଁ । ଆମର ବ୍ୟକ୍ତିଗତ ସଂକ୍ଷିପ୍ତ ବିବରଣରେ ବା ରେଜ୍ୟୁମରେ ଭୁଲ ତଥ୍ୟ ଦେଇ ସୁଦ୍ଧା ଯଦି ଆମେ ରବିବାର ଉପାସନାକୁ ଯାଉ ଏବଂ ପ୍ରଭୁଙ୍କର ଆରାଧନା କରୁ, ଆମର ପାଳକ ତାହା ଜାଣିପାରିବେ ନାହିଁ । କିନ୍ତୁ ଈଶ୍ୱର ଜାଣନ୍ତି। ସେ ଆମର ସାଧୁତା କିମ୍ବା ତାହା ଊଣା ପଡ଼ିବାର ଜାଣନ୍ତି । ରାଜା ଦାଉଦ କହନ୍ତି, *"ହେ ସଦାପ୍ରଭୁ, ମୋହର ଧର୍ମ ଓ ମୋହର ଆନ୍ତରିକ ସରଳତା ଅନୁସାରେ ମୋହର ବିଚାର କର"* (ଗୀତିସଂହିତା 7:8)।

ଦାଉଦ ଶାସ୍ତ୍ରରେ ପ୍ରାର୍ଥନା କରନ୍ତି, *"ହେ ସଦାପ୍ରଭୋ, ମୋହର ବିଚାର କର, କାରଣ ମୁଁ ନିଜ ସିଦ୍ଧତାରେ ଆଚରଣ କରିଅଛି; ମଧ୍ୟ ମୁଁ ଅଟଳ ଭାବରେ ସଦାପ୍ରଭୁଙ୍କର ଶରଣ ନେଇଅଛି । ହେ ସଦାପ୍ରଭୋ, ମୋତେ ପରୀକ୍ଷା କରି ପ୍ରମାଣ ନିଅ; ମୋର ମର୍ମ ଓ ଚିତ୍ତ ପରିଷ୍କାର କର"* (ଗୀତସଂହିତା 26:1,2) । କି ବଳିଷ୍ଠ ପ୍ରାର୍ଥନା! ଯେହେତୁ ଦାଉଦ ସଚ୍ଚୋଟତାରେ ଆଚରଣ କରିଥିଲେ, ସେ ଏହିପରି ପ୍ରାର୍ଥନା କରିବାର ସ୍ଥିତିରେ ଥିଲେ—ଈଶ୍ୱର ତାଙ୍କର ପରୀକ୍ଷା ନିଅନ୍ତୁ ବୋଲି ସେ କହିପାରିଲେ । ପ୍ରାୟତଃ ଆମେ କହିଥାଉ, "ମୁଁ ମିଛ କହିବି ନାହିଁ ବୋଲି ଯଦି ମୋର ଉପର ଅଧିକାରୀଙ୍କୁ କହିବି, ତେବେ ମୁଁ ମୋର ଚାକିରୀ ହରାଇପାରେ" । ଆପଣ ଯଦି ଏହିପରି ପରସ୍ଥିତିରେ ଅଛନ୍ତି ଯେ ଆପଣଙ୍କର ସାଧୁତା ପାଇଁ ନିଜ ଚାକିରୀ ହରାଇବେ ତେବେ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ, କାରଣ ଦାଉଦଙ୍କ ପରି ଆପଣ ମଧ୍ୟ ପ୍ରାର୍ଥନା କରିପାରିବେ ଏବଂ ଆପଣଙ୍କୁ ପରଖିବା ପାଇଁ ଈଶ୍ୱରଙ୍କୁ କହିପାରିବେ ।

କିନ୍ତୁ ଆମେ ଯଦି ସଚ୍ଚୋଟତାରେ ଚାଲିବା ନାହିଁ, ତେବେ ଆମକୁ ପରଖିବା ପାଇଁ ଈଶ୍ୱରଙ୍କୁ ଆମେ କହିପାରିବା ନାହିଁ । ଗୀତରଚକଙ୍କ ପରି ଆମେ ଏହା

କହିବାକୁ ସକ୍ଷମ ହେବା ଉଚିତ ଯେ, ଆମେ ହୃଦୟର ସରଳତା ଅନୁସାରେ ଚାଲିଛୁ, ସାଧୁତାର ସହିତ କାର୍ଯ୍ୟ କରିଛୁ ପୁଣି ଯାହା ଠିକ ବୋଲି ଜାଣିଛୁ ତାହା କରିଛୁ ଏବଂ ସେତେବେଳେ ଆମ ପକ୍ଷରେ ଯୁଦ୍ଧ କରିବା ପାଇଁ ଈଶ୍ୱରଙ୍କୁ କହିପାରିବା ।

**ଯିରିମିୟ 23:23, 24**

**23 ସଦାପ୍ରଭୁ କହନ୍ତି, ଆମ୍ଭେ କି ନିକଟରେ ପରମେଶ୍ୱର ଅଟୁ ଓ ଦୂରରେ ପରମେଶ୍ୱର ନୋହୁଁ?**
**24 ସଦାପ୍ରଭୁ କହନ୍ତି, ଆମ୍ଭେ ଯେଉଁ ସ୍ଥାନରେ ଦେଖି ନ ପାରିବୁ, ଏପରି ଗୁପ୍ତ ସ୍ଥାନରେ କି କେହି ଆପଣାକୁ ଲୁଚାଇ ପାରେ? ସଦାପ୍ରଭୁ କହନ୍ତି, ଆମ୍ଭେ କି ସ୍ୱର୍ଗ ଓ ମର୍ତ୍ତ୍ୟ ବ୍ୟାପି ନ ଥାଉ?**

ଈଶ୍ୱର ଧର୍ମଶାସ୍ତ୍ରରେ ଏକ କୌତୁହଳପୂର୍ଣ୍ଣ ପ୍ରଶ୍ନ ପଚାରନ୍ତି, *"ସଦାପ୍ରଭୁ କହନ୍ତି, ଆମ୍ଭେ ଯେଉଁ ସ୍ଥାନରେ ଦେଖି ନ ପାରିବୁ, ଏପରି ଗୁପ୍ତ ସ୍ଥାନରେ କି କେହି ଆପଣାକୁ ଲୁଚାଇ ପାରେ?"* (ଯିରିମିୟ 23:24କ) । ଆମେ ନିଜକୁ ଲୁଚାଇ ପାରିବା ନାହିଁ ଓ ଆମର ଅସାଧୁ କାର୍ଯ୍ୟକୁ କରୁଥିବା, ପୁଣି ଈଶ୍ୱର ଆମକୁ ଦେଖୁନାହାନ୍ତି ବୋଲି କ୍ଷଣେ ମଧ୍ୟ ଭାବିବା ଭୁଲ। ଅବଶ୍ୟ କେହି ହୁଏତ ଆମକୁ ଦେଖୁନାହାନ୍ତି, କିନ୍ତୁ ପୃଥିବୀରେ ଏପରି କୌଣସି ଗୁପ୍ତ ସ୍ଥାନ ନାହିଁ ଯେଉଁଠାକୁ ଆମେ ଯାଇପାରିବା, ଆଉ ଈଶ୍ୱର ସେଠାରେ ଆମକୁ ଦେଖିପାରିବେ ନାହିଁ । ଆମର କମ୍ପୁଟର୍ ପଛରେ ବସି ସମସ୍ତ ପ୍ରକାର ମିଥ୍ୟା ତଥ୍ୟ ଆମ ମାସିକ ରିପୋର୍ଟରେ ଲେଖି ଭାବୁଛୁ କେହି ତାହା ଜାଣିପାରିବେ ନାହିଁ । କିନ୍ତୁ ମନେ ରଖନ୍ତୁ ଈଶ୍ୱର ସବୁ ଦେଖୁଛନ୍ତି । ସେ ସବୁ ଜାଣନ୍ତି ଏବଂ ଆମର ଅନ୍ତଃକରଣର ସଚ୍ଚୋଟତାର ଅନୁସନ୍ଧାନ କରନ୍ତି ।

**ଏବ୍ରୀ 4:13**

**ଈଶ୍ୱରଙ୍କ ସମ୍ମୁଖରେ କୌଣସି ପ୍ରାଣୀ ଅପ୍ରକାଶିତ ନୁହେଁ, ମାତ୍ର ଯାହାଙ୍କ ଛାମୁରେ ଆମ୍ଭମାନଙ୍କୁ ନିକାଶ ଦେବାକୁ ହେବ, ତାହାଙ୍କ ଦୃଷ୍ଟିରେ ସମସ୍ତ ବିଷୟ ଉଲଙ୍ଗ ଓ ଅନାବୃତ ଅଟେ ।**

ପ୍ରକୃତରେ ଏପରି କୌଣସି ବିଷୟ ନାହିଁ ଯାହା ଆମେ ଈଶ୍ୱରଙ୍କଠାରୁ ଗୁପ୍ତ ରଖିପାରିବା । ଆମେ ଏପରି ଏକ ସ୍ଥାନକୁ ଆସିବା ଆବଶ୍ୟକ ଯେଉଁଠି ପରମେଶ୍ୱରଙ୍କ ପ୍ରତି ଆମର ପବିତ୍ର ଭୟ ଥିବ ଯାହା ଆମକୁ ଧାର୍ମିକତା ଓ ସରଳତାରେ ଆଚରଣ କରିବା ପାଇଁ ସାହାଯ୍ୟ କରିବ।

# ୩
# ଆମେ ତଥାପି କାହିଁକି ସଚ୍ଚୋଟତା ସହିତ ସାଲିସ୍ କରୁ?

ଆମ ମଧ୍ୟରୁ ଅଧିକାଂଶ ଯାହାସବୁ ଏପର୍ଯ୍ୟନ୍ତ ଆମେ ପଢ଼ିଛୁ ସେହିସବୁ ବିଷୟରେ ସୁପରିଚିତ । ବାଲ୍ୟାବସ୍ଥାରୁ ଆମେ ଶିକ୍ଷା ପାଇ ଆସିଛୁ ଯେ ମିଛ କହିବା ଭୁଲ ଅଟେ, ଆମେ ସଚ୍ଚୋଟ ହେବା ଉଚିତ, ସରଳାଚରଣ କରିବା ଉଚିତ ଇତ୍ୟାଦି । ଏପରିକି ବାକ୍ୟର ଯେଉଁ ପଦଗୁଡ଼ିକ ଏପର୍ଯ୍ୟନ୍ତ ଉଲ୍ଲେଖ କରାଗଲା ଆମେ ସେଗୁଡ଼ିକୁ ମଧ୍ୟ ଜାଣିଛୁ । ହୁଏତ ଆମ ବାଇବଲରେ ସେହି ପଦଗୁଡ଼ିକୁ ଆମେ ବିଶେଷ ପଦ ଭାବରେ ଦର୍ଶାଇଅଛୁ ବା ରେଖାଙ୍କିତ ମଧ୍ୟ କରିଛୁ!

କିନ୍ତୁ ଆମେ ନିଜକୁ ଏହିସବୁ ପ୍ରଶ୍ନ କରିବା:

- ତଥାପି ଆମେ କାହିଁକି ମିଛ କହୁ?
- ଯଦିବା ଆମେ ଦୀର୍ଘ ଦିନ ଧରି ଖ୍ରୀଷ୍ଟିୟାନ ଅଟୁ ତଥାପି ଆମ କର୍ମସ୍ଥଳରେ, ସେବାକାର୍ଯ୍ୟରେ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆମେ ଅସାଧୁ ଅଟୁ । ଆମେ ଲୋକଙ୍କୁ କହିଥାଉ ଯେ ଏକ ନିର୍ଦ୍ଦିଷ୍ଟ କାରଣ ପାଇଁ ଆମେ ଅର୍ଥ ସଂଗ୍ରହ କରୁଛୁ କିନ୍ତୁ ଶେଷରେ ଆଉ ଏକ ଭିନ୍ନ କାର୍ଯ୍ୟରେ ସେହି ଅର୍ଥ ବ୍ୟବହାର କରିଥାଉ ।
- କାହିଁକି ଈଶ୍ୱରଙ୍କ ଲୋକମାନେ, ଯେଉଁମାନେ ଏହି ସମସ୍ତ କଥା ଜାଣନ୍ତି ଏବଂ ଏହିସବୁ ବିଷୟ ବାକ୍ୟରେ ପଢ଼ିଛନ୍ତି, ତଥାପି ଅସାଧୁ ଆଚରଣ କରନ୍ତି?

ଆମେ ତଥାପି କାହିଁକି ଅସାଧୁ ଆଚରଣ କରୁ ତାହାର କେତେକ କାରଣ ରହିଛି । ଏହି କାରଣଗୁଡ଼ିକ ଆମକୁ ସରଳତାରେ, ସାଧୁତାରେ ଏବଂ ସଚ୍ଚୋଟତାରେ ଆଚରଣ କରିବା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରେ । ନିମ୍ନରେ କେତେକ ସାମ୍ଭାବ୍ୟ କାରଣ ଦିଆଗଲା:

## ଈଶ୍ୱରଙ୍କ ପ୍ରତି ବାସ୍ତବ ଭୟ ନାହିଁ—ଈଶ୍ୱରଙ୍କ ଅନୁଗ୍ରହ ପ୍ରତି ଖାମଖିଆଲିଭାବ

ଯେଉଁ ବାକ୍ୟାଂଶଗୁଡ଼ିକ ଈଶ୍ୱରଙ୍କ କ୍ଷମା, ଦୟା, ଅସରନ୍ତି ପ୍ରେମ ଏବଂ ଉତ୍ତମତା ବିଷୟରେ କହେ, ଅନେକ ସମୟରେ ଆମେ ସେହି ବାକ୍ୟାଂଶଗୁଡ଼ିକ ସହିତ ଏତେ ସୁପରିଚିତ ହୋଇଯାଉ ଯେ ସେସବୁକୁ ଖାମଖିଆଲି ଭାବେ ନେଇଥାଉ । ଆମେ ଭାବୁ ଯେ ଯଦିବା ଆମେ ମିଥ୍ୟା କହିଚାଲୁ ଓ ଅସାଧୁ କାର୍ଯ୍ୟ କରୁ, ଈଶ୍ୱର ତଥାପି ଆମକୁ କ୍ଷମା କରିବେ । ଆମ ଜୀବନରେ ଈଶ୍ୱରଙ୍କ ପ୍ରତି ପ୍ରକୃତ ଭୟ ନାହିଁ । *"ଦୟା ଓ ସତ୍ୟତାରେ ପାପର ପ୍ରାୟଶ୍ଚିତ ହୁଅଇ; ଏବଂ ସଦାପ୍ରଭୁ ବିଷୟକ ଭୟ ଦ୍ୱାରା ମନୁଷ୍ୟମାନେ କୁକ୍ରିୟା ତ୍ୟାଗ କରନ୍ତି"* (ହିତୋପଦେଶ 16:6) । କେବଳ ଈଶ୍ୱରଙ୍କ ପ୍ରତି ବାସ୍ତବ ଭୟ ରହିଲେ ହିଁ ଜଣେ ବ୍ୟକ୍ତି ପାପରୁ ପଳାୟନ କରିବ । ପାପ ସହିତ ନ ଖେଳିବା ପାଇଁ—ଅସାଧୁତା, ମିଥ୍ୟା ଓ ଅଧର୍ମରୁ ଦୂରରେ ରହିବା ପାଇଁ ଆମେ ତାହାଙ୍କୁ ଗଭୀର ଭାବେ ଭୟ ଓ ଭକ୍ତି କରିବା ଉଚିତ । ଯେବେ ଆମ ଭିତରେ ଈଶ୍ୱରଙ୍କ ପ୍ରତି ଭୟ ନାହିଁ, ଆମକୁ ଯାହା ଭଲ ଲାଗେ, ଆମେ ତାହା କରିବୁ । ଏହା ସତ୍ୟ ଯେ ଆମେ ଈଶ୍ୱରଙ୍କ ଅନୁଗ୍ରହ ଉପରେ ନିର୍ଭର କରୁ କିନ୍ତୁ ସେହି ସମୟରେ ଆମ ହୃଦୟରେ ଈଶ୍ୱରଙ୍କ ପ୍ରତି ଭୟ ରହିବା ଆବଶ୍ୟକ ।

ଏହା ପ୍ରକୃତରେ ଅତି ଦୁଃଖର ବିଷୟ ଯେ କେତେକ ସେବକ ଓ ପ୍ରଚାରକଙ୍କ ଜୀବନରେ ଈଶ୍ୱରଙ୍କ ପ୍ରତି ଭୟ ନାହିଁ ଏବଂ ପୁଲପିଟ୍‌ରୁ ତଳକୁ ଆସିବା ପରେ ମିଥ୍ୟା କହିବାକୁ ଓ ସମସ୍ତ ପ୍ରକାର ଅସତ କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଯଦି ଆମେ ଈଶ୍ୱରଙ୍କ ସେବକ ହୋଇ ସୁଦ୍ଧା ଈଶ୍ୱର ଭୟ ନାହିଁ ତେବେ ଆମେ କିପରି ଲୋକମାନଙ୍କୁ ଈଶ୍ୱରଙ୍କ ପ୍ରତି ଭୟ ବିଷୟରେ ଶିକ୍ଷା ଦେଇପାରିବା? ଆମକୁ ସେହି ସୋପାନକୁ ଉନ୍ନୀତ ହେବା **ପ୍ରୟୋଜନ** ରହିଛି ଯେଉଁଠାରେ ଈଶ୍ୱରଙ୍କ ଭୟ ଆମ ଜୀବନରେ ବାସ କରିବ ।

### ଲୋକ ଭୟ

ବେଳେବେଳେ ଲୋକଙ୍କୁ ଭୟ କରି ଆମେ ମିଛ କହିଥାଉ—ଆମେ ସେମାନଙ୍କୁ ଯଦି ସତ କହିବୁ ତେବେ ସେମାନଙ୍କ ପ୍ରତିକ୍ରିୟା କ'ଣ ହେବ ବୋଲି ଆମେ ଭୟ କରୁ । ଆମକୁ ଲୋକ ଭୟ ଉପରେ ବିଜୟୀ ହେବାକୁ ହେବ! ଯାହା ସହିତ ଆମେ

କାରବାର କରୁନା ପଛକେ, ସତ କହିବାକୁ ଓ ଧାର୍ମିକତାର ପଥରେ ଚାଲିବାକୁ ଆମକୁ ସାହସିକ ହେବା ଅତ୍ୟନ୍ତ ଆବଶ୍ୟକ!

## ପରିଣାମର ଭୟ

ଲୋକେ ମିଛ କହିବାର ଆଉ ଏକ ଦର୍ଶାଇ କହନ୍ତି ଯେ—"ମୁଁ ଯଦି ମିଛ ନ କହିବି ତେବେ ଏହି ପରିସ୍ଥିତିରେ ବନ୍ଧା ହୋଇ ରହିଥିବି, ତେଣୁ ବରଂ ମିଛ କହି ଏହି ପରିସ୍ଥିତିରୁ ବାହାରି ଆସିବା ମୋ ପାଇଁ ଭଲ ହେବ" । ପରିଣାମ ଯାହା ହେଉନା କାହିଁକି, ସତ୍ୟ ପଥରେ ଚାଲିବା ପାଇଁ ଆମକୁ ସାହସିକ ହେବାକୁ ହେବ । ମନେ ରଖନ୍ତୁ, ଆମେ ଯେବେ ସତ୍ୟରେ ଚାଲିବୁ, ଈଶ୍ୱର ଆମର ସପକ୍ଷ ହେବେ!

## ସୁଖ୍ୟାତି / ଅହଙ୍କାର

ଆମର ସୁଖ୍ୟାତି ଓ ଅହଙ୍କାର ଯେତେବେଳେ ବିପଦଗ୍ରସ୍ତ ହୁଏ ତାହାକୁ ସୁରକ୍ଷା ଦେବାକୁ ଯାଇ ବେଳେବେଳେ ଆମେ ମିଛ କହିଥାଉ । ଉଦାହରଣ ସ୍ୱରୂପ, ଯେବେ କେହି ଆମକୁ ପଚାରନ୍ତି ଯେ ଆମେ ଆମର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ କି? ଆମେ ସିଧା ସଳଖ "ହଁ" ବୋଲି କହୁ ଯଦିବା ଏହା ସତ ନୁହେଁ ।

## ଦୃଢ଼ ବିଶ୍ୱାସ ବଦଳରେ ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ବଞ୍ଚିବା

ଦୃଢ଼ ବିଶ୍ୱାସ ବଦଳରେ ସୁଖ ସ୍ୱାଚ୍ଛନ୍ଦ୍ୟରେ ବଞ୍ଚିବା ଆମର ଜୀବନ ଶୈଳୀରେ ପରିଣତ ହୋଇଯାଇଛି କାରଣ ବିଶ୍ୱାସରେ ବଞ୍ଚିବାକୁ ହେଲେ କଠିନ ପରିଶ୍ରମ କରିବାକୁ ହେବ । ସର୍ବଦା ସତ୍ୟ କହିବା ଉଚିତ ବୋଲି ଯଦି ଆମର ହୃଦ୍‌ବୋଧ ହୁଏ, ତେବେ ଯାହା ମୂଲ୍ୟ ଦେବାକୁ ପଡୁ ପଛେ ଆମକୁ ସତ୍ୟ ହିଁ କହିବାକୁ ହେବ । ସୁବିଧାବାଦୀ କହେ, "ଯଦି ସହଜ ହୁଏ ତ ସତ କହିବି; ଯଦି ଅସୁବିଧା ହୁଏ ତେବେ ମିଛ କହି ପାର ହୋଇଯିବି।" ଦୟାକରି ନିଜକୁ କୁହନ୍ତୁ ଯେ, ଆପଣ ବିଶ୍ୱାସ ଉପରେ ଭରସା କରି ବଞ୍ଚିବେ! ଆମେ ଆମର ବିଶ୍ୱାସ ଅନୁସାରେ ବଞ୍ଚିବା ଆବଶ୍ୟକ, ସୁବିଧା ଅନୁସାରେ ନୁହେଁ। ଆମର ଏହି ହୃଦ୍‌ବୋଧ ରହିବା ଆବଶ୍ୟକ ଯେ, ଆମେ ସତ୍ୟତା, ସାଧୁତା ଓ ଦୃଢ଼ ନିଷ୍ଠୟତା ଥିବା ପୁରୁଷ ଓ ସ୍ତ୍ରୀ ହେବାକୁ ହେବ ।

## ଅସନ୍ତୋଷ / ଆଘାତକୁ ଭୟ

ବେଳେବେଳେ ଅନ୍ୟକୁ ଆଘାତ ନ ଦେବାପାଇଁ ଲୋକେ ମିଛ କହିଥାନ୍ତି । ଯଦିବା ଭଲ ଉଦ୍ଦେଶ୍ୟ ରଖି ଆମେ ମିଛ କହୁ, ମିଛ ସବୁବେଳେ ମିଛ ହିଁ ଅଟେ!

## ଅପ୍ରିୟ ସତ୍ୟକୁ ଘୋଡ଼ାଇ ସୁନ୍ଦର ଦେଖାଯିବାକୁ ଚେଷ୍ଟା କରିବା

କେବେକେବେ ନିଜ ବନ୍ଧୁକୁ ଘୋଡ଼ାଇବା ପାଇଁ ଲୋକେ ମିଛ କହିଥାନ୍ତି । ବନ୍ଧୁ ପ୍ରତି ଆମର ଯେତେ ଆନ୍ତରିକତା ଥିଲେ ମଧ୍ୟ, ଏକ ମିଛ ସର୍ବଦା ମିଛ ହିଁ ରହିବ । ମନେ ରଖନ୍ତୁ—ସତ୍ୟ ନିଜ ପାଇଁ ନିଜେ ଠିଆ ହୋଇପାରିବ; ମିଥ୍ୟା ସତ୍ୟକୁ କେବେ କିଛି ଦେଇପାରିବ ନାହିଁ!

# 4
# ଅସାଧୁତାର ପରିଣାମ

ଆମେ ସଚ୍ଚୋଟତା ସହିତ ସାଲିସ କରିବାର ଅନ୍ୟ ଏକ କାରଣ ହେଲା ଆମେ ପ୍ରକୃତରେ ଏହାର କୁପରିଣାମର ଭୟାବହତାକୁ ବୁଝି ନ ଥାଉ । ଅନେକ ସମୟରେ ଆମେ ଭାବୁ ଯେ ଆମେ ଯଦି ପ୍ରଭୁଙ୍କ ନିକଟକୁ ଯାଇ କ୍ଷମା ମାଗିବୁ, ସବୁକିଛି ଠିକ ହୋଇଯିବ । ଈଶ୍ୱର ଅବଶ୍ୟ କ୍ଷମା କରନ୍ତି ତଥାପି ଆମକୁ ତାର କୁପରିଣାମ ସହିତ ବଞ୍ଚିବାକୁ ହେବ । ଈଶ୍ୱର ସମସ୍ତ କୁପରିଣାମକୁ ପରିବର୍ତ୍ତନ କରିବେ ନାହିଁ । ଆମେ ଯାହା ବୁଣିଛୁ ତାର କୁପରିଣାମ ଭୋଗିବାକୁ ପଡ଼ିବ । ଅସାଧୁତାର କୁପରିଣାମ ସବୁକୁ ଆମେ ସମ୍ପୂର୍ଣ୍ଣଭାବେ ବୁଝିବା ଜରୁରୀ ଅଟେ ।

ଆସୁ କେତେକ ଶାସ୍ତ୍ରାଂଶ ଦେଖିବା:

**ହିତୋପଦେଶ 19:5**
**ମିଥ୍ୟାସାକ୍ଷୀ ଅଦଣ୍ଡିତ ନୋହିବ; ପୁଣି, ମିଥ୍ୟାବାଦୀ ରକ୍ଷା ପାଇବ ନାହିଁ ।**

ଅନେକ ଥର ଆମେ ଖସିଯିବା ପାଇଁ ମିଥ୍ୟାର ଆଶ୍ରୟ ନେଉ । କିନ୍ତୁ ଆମେ ବୁଝି ନ ଥାଉ ଯେ ବାକ୍ୟ କହେ, *"...ଯେ ମିଥ୍ୟା କହେ ସେ ଖସି ଯାଇ ପାରିବ ନାହିଁ"* (ହିତୋପଦେଶ 19:5ଖ) । ମିଛ କହି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରୁ ମୁକ୍ତ ହେଲୁ ବୋଲି ହୁଏତ ଆମେ ଖୁସି ହୋଇପାରୁ, କିନ୍ତୁ ଆମେ ବୁଝିପାରୁନା ଯେ ଆମେ ସେଥିପାଇଁ ଅନୁତାପ କରି ସେହି ବିଷୟକୁ ସମାଧାନ ନ କରିବା ଯାଏ ତାହା ଶୀଘ୍ର କିମ୍ବା ବିଳମ୍ବରେ ହେଉ ଆମ ପଛରେ ଗୋଡ଼ାଇ ଧରିବ ।

- କଠିନ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଆମେ ଅନେକ ସମୟରେ ମିଥ୍ୟା କହିଥାଉ କିନ୍ତୁ ଆମେ ବୁଝି ନ ଥାଉ ଯେ ଏହାଠାରୁ ବଡ଼ ଫାନ୍ଦରେ ଆମେ ନିଜକୁ ପକାଉଛୁ!

**ହିତୋପଦେଶ 20:17**
**ମିଥ୍ୟା ଅର୍ଜିତ ଆହାର ମନୁଷ୍ୟକୁ ମିଷ୍ଟ ଲାଗେ; ମାତ୍ର ପଛେ ତାହାର ମୁଖ ଗୋଡ଼ିରେ ପୂର୍ଣ୍ଣ ହେବ ।**

ମିଥ୍ୟାରେ ଉପାର୍ଜିତ ଆହାର ପ୍ରଥମେ ମିଷ୍ଟ ଲାଗେ, କିନ୍ତୁ ତାହା ଯଦି ଅନ୍ୟାୟରେ ପ୍ରାପ୍ତ ହୋଇଛି, ବାଇବଲ କହେ, *"ପରେ ତାହାର ମୁଖ ଗୋଡ଼ିରେ ପୂର୍ଣ୍ଣ ହେବ"*(ହିତୋପଦେଶ 20:17ଖ) । କେହି ଯେବେ ନିଜର ରେଜ୍ୟୁମରେ ଛଅ ବର୍ଷ କାର୍ଯ୍ୟର ଅନୁଭୂତି ଅଛି ବୋଲି ଲେଖେ, କିନ୍ତୁ ପ୍ରକୃତରେ ତାହା କେବଳ ଛଅ ମାସର, ଏହା ପ୍ରବଞ୍ଚନା ଅଟେ । ଅସାଧୁ ଉପାୟରେ ଅର୍ଜିତ ଧନ ଯଦିବା ପ୍ରଥମରେ ମିଷ୍ଟ ଲାଗେ, କିନ୍ତୁ ପରେ ତାହା ମୁଖରେ ଗୋଡ଼ି ସଦୃଶ୍ୟ ହେବ । ହିତୋପଦେଶ 21:6 ମଧ୍ୟ ସେହି ସତ୍ୟଟିକୁ ପ୍ରକାଶ କରେ, *"ମିଥ୍ୟାବାଦୀ ଓଷ୍ଠ ଦ୍ୱାରା ପ୍ରାପ୍ତ ଧନ ଏଣେତେଣେ ଚାଳିତ ବାଷ୍ପ ତୁଲ୍ୟ,ଯେଉଁମାନେ ତାହା ଅନ୍ୱେଷଣ କରନ୍ତି, ସେମାନେ ମୃତ୍ୟୁ ଅନ୍ୱେଷଣ କରନ୍ତି ।"* ଅସାଧୁ ଉପାୟରେ ଅର୍ଜିତ ଧନ ଆମକୁ ମୃତ୍ୟୁ ଓ ବିନାଶ ଆଡ଼କୁ ନେଇଯାଏ ଏବଂ ସେହି ଧନ ଶୀଘ୍ର ଉଭେଇଯାଏ ।

- ଅସାଧୁ ଉପାୟ ଆମକୁ "ଶୀଘ୍ର ଆଉ ସହଜ" ରାସ୍ତା ପରି ଲାଗେ, କିନ୍ତୁ ଏହାର କୁପରିଣାମ ଶୀଘ୍ର ଆମକୁ ଗୋଡ଼ାଇ ଧରିବ ।

**ହିତୋପଦେଶ 29:12**
**ଶାସନକର୍ତ୍ତା ଯେବେ ମିଥ୍ୟା କଥାରେ କାନ ଡେରେ, ତେବେ ତାହାର ସେବକସବୁ ଦୁଷ୍ଟ ହୁଅନ୍ତି ।**

- ଯେବେ ଜଣେ ନେତୃସ୍ଥାନୀୟ ବ୍ୟକ୍ତି ଅସାଧୁ ହୁଏ, ତାଙ୍କ ଅଧୀନସ୍ଥ ଲୋକମାନେ ସେହି ଏକା ରାସ୍ତାରେ ଯିବେ!

**ହୋଶେୟ 10:12,13**
**12 ତୁମ୍ଭେମାନେ ଆପଣାମାନଙ୍କ ନିମନ୍ତେ ଧାର୍ମିକତାରେ ବିହନ ବୁଣ, ତଦନୁଯାୟୀ ଶସ୍ୟ କାଟ; ଆପଣାମାନଙ୍କର ପଡ଼ିଆ-ଭୂମି ଭାଙ୍ଗ; କାରଣ ଯେପର୍ଯ୍ୟନ୍ତ ସଦାପ୍ରଭୁ ଆସି ତୁମ୍ଭମାନଙ୍କ ଉପରେ ଧାର୍ମିକତା ନ ବର୍ଷାନ୍ତି, ସେପର୍ଯ୍ୟନ୍ତ ତାହାଙ୍କର ଅନ୍ୱେଷଣ କରିବାର ସମୟ ଅଛି ।**
**13 ତୁମ୍ଭେମାନେ ଦୁଷ୍ଟତାରୂପ ଚାଷ କରି ଅଧର୍ମସ୍ୱରୂପ ଶସ୍ୟ କାଟିଅଛ; ତୁମ୍ଭେମାନେ ମିଥ୍ୟା କଥାର ଫଳ ଭୋଜନ କରିଅଛ; କାରଣ ତୁମ୍ଭେ ଆପଣା ପଥରେ, ଆପଣାର ବୀରସମୂହରେ ବିଶ୍ୱାସ କରିଅଛ ।**

ହୋଶେୟ 10:12,13 ଏକ ଅତ୍ୟନ୍ତ ରୋଚକ ସତ୍ୟ ପ୍ରକାଶ କରେ । ଯେତେଥର ଆମେ ମିଛ କହୁ, ସେତେଥର ଆମେ ଅଧର୍ମରୂପ ବୀଜ ବୁଣିଥାଉ, ଅଧର୍ମ ବୁଣିଲେ ଶୀଘ୍ର ହେଉ କି ବିଳମ୍ବରେ ହେଉ ଆମେ ଆମ ମିଥ୍ୟାର ଫଳ ଭୋଜନ କରିବୁ । ମିଥ୍ୟା ତାର ଫଳ ଉତ୍ପନ୍ନ କରିବ ଏବଂ ଆମକୁ ତାହା ଖାଇବାକୁ ପଡ଼ିବ । ତେଣୁ ଆମକୁ ବୁଝିବାକୁ ହେବ ଯେ ଆମର ମିଥ୍ୟା ଓ ଅଧର୍ମର ନିଶ୍ଚିତ ପରିଣାମ ରହିଛି ।

- ପ୍ରତିଟି ମିଥ୍ୟା ଯାହା ଆମେ ବୁଣିଥାଉ, ତାହାର ଫଳ ବା *"ମିଥ୍ୟା କଥାର ଫଳ"* ହୋଶେୟ 10:13 ଆମ ପାଇଁ ରହିଛି!

**ଯୋହନ 8:44**
**ତୁମ୍ଭେମାନେ ତୁମ୍ଭମାନଙ୍କର ପିତା ଶୟତାନଠାରୁ ଉତ୍ପନ୍ନ, ଆଉ ତୁମ୍ଭମାନଙ୍କର ପିତାର କାମନା ସାଧନ କରିବା ତୁମ୍ଭମାନଙ୍କର ଇଚ୍ଛା । ସେ ଆଦ୍ୟରୁ ନରଘାତକ, ଆଉ ସେ ସତ୍ୟରେ ରହେ ନାହିଁ, କାରଣ ତାହାଠାରେ ସତ୍ୟ ନାହିଁ । ଯେତେବେଳେ ସେ ମିଥ୍ୟା କହେ, ସେତେବେଳେ ସେ ନିଜଠାରୁ କହେ; କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାବାଦୀର ପିତା ।**

- ଯେତେବେଳେ ଆମେ ମିଥ୍ୟା କହୁ, ଆମେ ଶୟତାନର କାର୍ଯ୍ୟରେ ସହଯୋଗ କରୁ!

ବାଇବଲ କହେ ଯେ ମିଥ୍ୟାବାଦୀମାନେ ଅଗ୍ନିମୟ ହ୍ରଦରେ ପକାଯିବେ—ସବୁଠୁ ଭୟାନକ ପରିଣତି ।

**ପ୍ରକାଶିତ ବାକ୍ୟ 21:8**
**କିନ୍ତୁ ଯେଉଁମାନେ ଭୀରୁ, ଅବିଶ୍ୱାସୀ, ଘୃଣ୍ୟକଳଙ୍କିତ, ନରଘାତକ, ବ୍ୟଭିଚାରୀ, ମାୟାବୀ ଓ ପ୍ରତିମାପୂଜକ, ସେମାନେ ଓ ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଂଶ ପାଇବେ; ଏହା ହିଁ ଦ୍ୱିତୀୟ ମୃତ୍ୟୁ ।**

ବାଇବଲ କହେ ଯେ ଆମେ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇଛୁ (ଏଫିସୀୟ 2:8) । ପ୍ରତ୍ୟେକ ବ୍ୟକ୍ତି ଯିଏ ପ୍ରଭୁ ଯୀଶୁଙ୍କ ଜ୍ଞାନ ପ୍ରାପ୍ତ ହୁଏ ସେ ଯୀଶୁଙ୍କ ଠାରେ ଉଦ୍ଧାରପ୍ରାପ୍ତ ହେବ ଏବଂ ଖ୍ରୀଷ୍ଟଙ୍କ ଠାରେ ଅନୁଗ୍ରହ, ଦୟା, ଦଣ୍ଡରୁ ମୁକ୍ତି, ପାପରୁ କ୍ଷମା ଓ ପରିତ୍ରାଣ ମିଳିବ। ତଥାପି ଈଶ୍ୱର ସ୍ୱତନ୍ତ୍ର ଭାବରେ ଏକ ଭୟାନକ ପରିଣତି ବିଷୟରେ କହିଛନ୍ତି ଯେ—ଯଦି ଆମେ ମିଥ୍ୟାବାଦୀ ତେବେ ଆମକୁ ନରକକୁ ପଠାଇ ଦିଆଯିବ (ପ୍ରକାଶିତ ବାକ୍ୟ 21:8)। ଶୟତାନ ମିଥ୍ୟାବାଦୀର ପିତା ଅଟେ ଓ ତାହାଠାରେ କୌଣସି ସତ୍ୟ ନାହିଁ (ଯୋହନ 8:44), ତେଣୁ ଈଶ୍ୱର ମିଥ୍ୟାବାଦୀମାନଙ୍କୁ କହିବେ, "ଯଦି ତୁମେ ମିଥ୍ୟା କହି ଚାଲିଥିବ, ତୁମ ପିତାଙ୍କ ସହିତ ରହିବାକୁ ଯାଅ!" ଯେଉଁମାନେ ସତ୍ୟ ଛାଡ଼ି ମିଥ୍ୟାରେ ଚାଲନ୍ତି ସେମାନଙ୍କ ପାଇଁ ଏହିପରି ଏକ ଭୟଙ୍କର ଦଶା ରହିଛି! ଆମେ ଏହା ଜାଣିବା ଆବଶ୍ୟକ ଅଟେ ଯେ ଅସାଧୁତାର ନିଶ୍ଚିତ କୁପରିଣାମ ରହିଛି—ଉଭୟ ଏହି ଇହ ଜଗତରେ ଏବଂ ପର ଜଗତରେ। ଏହା ଆମକୁ ଏକ ପବିତ୍ର ଭୟ ମଧ୍ୟକୁ ନେଇଯିବା ଉଚିତ ଯଦ୍ଦ୍ୱାରା

ଆମେ କହିପାରିବା, "ହେ ଈଶ୍ୱର ମୁଁ ଦୁଷ୍ଟତା ଓ ଅଧର୍ମ ବୁଣିବାକୁ ଚାହେଁ ନାହିଁ, ମୋର ମିଥ୍ୟାର ଫଳ ମୁଁ ଭୋଗିବାକୁ ଚାହେଁ ନାହିଁ । ମୁଁ ଅଧର୍ମ ଓ ଦୁଷ୍ଟତା ଅମଳ କରିବାକୁ ଚାହେଁ ନାହିଁ ।"

- ସର୍ବଶେଷ ପରିଣତି—ମିଥ୍ୟାବାଦୀମାନେ ନରକକୁ ଯିବେ!

# 5
# ଧାର୍ମିକର ଆଶୀର୍ବାଦସମୂହ

ଯେଉଁମାନେ ସରଳତାରେ, ଧାର୍ମିକତାରେ, ଏବଂ ସଚ୍ଚୋଟତାରେ ଆଚରଣ କରନ୍ତି ସେମାନଙ୍କ ନିମନ୍ତେ ଆଶ୍ଚର୍ଯ୍ୟ ଆଶୀର୍ବାଦସମୂହ ରହିଛି ।

## ଆଶୀର୍ବାଦ ଓ ଅନୁଗ୍ରହ

**ଗୀତସଂହିତା 5:12**
**ଯେଣୁ ତୁମ୍ଭେ ଧାର୍ମିକକୁ ଆଶୀର୍ବାଦ କରିବ; ହେ ସଦାପ୍ରଭୋ, ତୁମ୍ଭେ ତାହାକୁ ଢାଲ ପରି ଅନୁଗ୍ରହରେ ବେଷ୍ଟନ କରିବ ।**

ମନେକରନ୍ତୁ ଆପଣ ଏକ ସାକ୍ଷାତକାର ନିମନ୍ତେ ଯାଉଛନ୍ତି ଏବଂ ଈଶ୍ୱରଙ୍କ ଅନୁଗ୍ରହ ପାଇଁ ପ୍ରାର୍ଥନା କରୁଛନ୍ତି । ବାଇବଲ କହେ ଯେ ଈଶ୍ୱର ଧାର୍ମିକକୁ ଅନୁଗ୍ରହ କରିବେ । ଯଦି ଆପଣଙ୍କର ରେଜ୍ୟୁମରେ ଆପଣ ଅସାଧୁତା ଅବଲମ୍ବନ କରିଛନ୍ତି, ଆପଣ ଈଶ୍ୱରଙ୍କ ଅନୁଗ୍ରହ କଥା ଭୁଲି ଯାଆନ୍ତୁ କାରଣ ସେ କହନ୍ତି ଯେ ସେ ଧାର୍ମିକକୁ ଆଶୀର୍ବାଦ କରିବେ ଏବଂ ଧାର୍ମିକକୁ ଅନୁଗ୍ରହରେ ବେଷ୍ଟନ କରିବେ—ଅଧାର୍ମିକ କିମ୍ବା ଅସାଧୁକୁ ନୁହେଁ—କିନ୍ତୁ ଧାର୍ମିକକୁ । ତେଣୁ ଆମେ କ'ଣ କରିବା ଉଚିତ? ଆମ ରେଜ୍ୟୁମରେ "ଛଅ ବର୍ଷ" ମିଥ୍ୟାରେ ନ ଲେଖି ଆମେ ସତ୍ୟ ଭାବରେ ଛଅ ମାସର କାର୍ଯ୍ୟ ଅନୁଭୂତି ବୋଲି ଲେଖିବା ଏବଂ ସାହସର ସହିତ ଈଶ୍ୱରଙ୍କୁ କହିବା ଯେ ଆମକୁ ଚାକିରୀଟିଏ ଦେବା ନିମନ୍ତେ ଆମେ ତାଙ୍କଠାରେ ନିର୍ଭର କରୁଛୁ ଯାହା ଜଣେ ଛଅ ବର୍ଷର ଅନୁଭୂତି ଥିବା ବ୍ୟକ୍ତି ପାଇ ପାରିବ। ରେଜ୍ୟୁମରେ ମିଥ୍ୟା ତଥ୍ୟ ଦେବା ବଦଳରେ ତାହା ହେବ ଆମର ଉଚିତ ପଦକ୍ଷେପ । ଯେବେ ସେଠାରେ ଧାର୍ମିକତା ଥାଏ ଈଶ୍ୱର ତାହାଙ୍କ ଅନୁଗ୍ରହ ଦେବେ ।

## ସୁରକ୍ଷିତ ଏବଂ ଉତ୍ତର ପ୍ରାପ୍ତ ପ୍ରାର୍ଥନା

ଗୀତରଚକ କହନ୍ତି, *"ସିଦ୍ଧତା ଓ ସରଳତା ମୋତେ ରକ୍ଷା କରୁ, କାରଣ ମୁଁ ତୁମ୍ଭର ଅନୁସରଣ କରେ"* (ଗୀତସଂହିତା 25:21) । ଏହା କିଭଳି ସୁରକ୍ଷିତ ସ୍ଥିତି ଅଟେ

ଯେ—ଆମେ ସିଦ୍ଧତା ଓ ସରଳତାରେ ଆଚରଣ କରିଛୁ ବୋଲି ଈଶ୍ୱରଙ୍କୁ କହିବା ପାଇଁ ଆମେ ସକ୍ଷମ ଅଟୁ ଏବଂ ସେତେବେଳେ ଭରସାର ସହିତ କହିବା ଯେ ଆମେ ସୁରକ୍ଷିତ ଓ ସଂରକ୍ଷିତ ହେବୁ ବୋଲି ନିଶ୍ଚିତଭାବରେ ଜାଣୁ!

**ଗୀତସଂହିତା 34:15**
**ଧାର୍ମିକମାନଙ୍କ ପ୍ରତି ସଦାପ୍ରଭୁଙ୍କର ଦୃଷ୍ଟି ଅଛି ଓ ସେମାନଙ୍କ ଆର୍ତ୍ତନାଦ ପ୍ରତି ତାହାଙ୍କର କର୍ଣ୍ଣ ଅଛି ।**

**ଗୀତସଂହିତା 34:17**
**ଧାର୍ମିକମାନେ କ୍ରନ୍ଦନ କରନ୍ତେ, ସଦାପ୍ରଭୁ ଶୁଣିଲେ ଓ ସେମାନଙ୍କ ସର୍ବସଙ୍କଟରୁ ସେମାନଙ୍କୁ ଉଦ୍ଧାର କଲେ ।**

**ଗୀତସଂହିତା 34:19**
**ଧାର୍ମିକର ବିପଦ ଅନେକ; ମାତ୍ର ସେସବୁରୁ ସଦାପ୍ରଭୁ ତାହାକୁ ଉଦ୍ଧାର କରନ୍ତି ।**

ପ୍ରାର୍ଥନାର ଉତ୍ତର ଏବଂ ସୁରକ୍ଷା ଧାର୍ମିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଆମେ ଅନେକ ଦୁଃଖକଷ୍ଟର ସମ୍ମୁଖୀନ ହୋଇପାରୁ, ତଥାପି ସେସବୁରୁ ଈଶ୍ୱର ଆମକୁ ଉଦ୍ଧାର କରିବେ ।

## ଚିରସ୍ଥାୟୀ ସୁରକ୍ଷା

**ହିତୋପଦେଶ 12:19**
**ସତ୍ୟବାଦୀ ଓଷ୍ଠ ନିତ୍ୟସ୍ଥାୟୀ ହେବ; ମାତ୍ର ମିଥ୍ୟାବାଦୀ-ଜିହ୍ୱା ପଲକମାତ୍ର ।**

ସତ୍ୟ ନିତ୍ୟସ୍ଥାୟୀ ଅଟେ! ମିଥ୍ୟା ହୁଏତ ଆଜିର ଉଦ୍ଦେଶ୍ୟ ପୂରଣ କରିବ, କିନ୍ତୁ ଆସନ୍ତା କାଲି ତାହା ଆଉ ନ ଥିବ । ଆମେ ତାହା ଉପରେ ନିର୍ଭର କରିପାରିବା ନାହିଁ। ପ୍ରଥମ ମିଥ୍ୟାକୁ ପ୍ରମାଣିତ କରିବା ପାଇଁ ଆମକୁ ଆହୁରି ଅଧିକ ନୂଆନୂଆ ମିଥ୍ୟା ସୃଷ୍ଟି କରିବାକୁ ପଡ଼ିବ । ମିଥ୍ୟାରେ କୌଣସି ସୁରକ୍ଷା ନାହିଁ । କିନ୍ତୁ ଆମେ ଯେବେ ସତ୍ୟ କହିବା, ଆମେ ସୁରକ୍ଷିତ ଅନୁଭବ କରିବା ଏବଂ ବାସ୍ତବରେ ଆମେ ସୁରକ୍ଷିତ ଅଟୁ। ଆମେ ନିଜକୁ ରକ୍ଷା କରିବା ଆବଶ୍ୟକ ହେବ ନାହିଁ, କାରଣ ସତ୍ୟ ନିଜକୁ ନିଜେ ରକ୍ଷା କରେ!

## ସ୍ୱଚ୍ଛତା / ଦୀପ୍ତି

**ଗୀତସଂହିତା 97:11**
**ଧାର୍ମିକମାନଙ୍କ ପାଇଁ ଦୀପ୍ତି ଓ ସରଳମନାମାନଙ୍କ ପାଇଁ ଆନନ୍ଦ ବୁଣା ଯାଇଅଛି ।**

ଆମେ ଯେବେ ଧାର୍ମିକତାର ଅନୁସରଣ କରୁ, ଆମ ଚଲାପଥକୁ ଈଶ୍ୱରଙ୍କ ଦୀପ୍ତି ଆଲୋକିତ କରିବ ବୋଲି ଆମେ ଆଶା କରିପାରିବା । କିନ୍ତୁ ଆମେ ଯେବେ ଧାର୍ମିକତାର ପଥରେ ନ ଚାଲୁ, ଆମେ ଅଭିଯୋଗ କରିପାରିବା ନାହିଁ ଯେ ପଥ ଅନ୍ଧାର ଏବଂ ଭବିଷ୍ୟତ ନିରୁତ୍ସାହଜନକ ଦେଖାଯାଉଛି । ଏହାକୁ ଏପ୍ରକାରେ ଚିନ୍ତା କରନ୍ତୁ ଯେ, ପ୍ରତ୍ୟେକ ଥର ଆମେ ଯେତେବେଳେ ମିଛ କହୁ ବାସ୍ତବରେ ଆମେ ଆମ ଜୀବନରେ ଈଶ୍ୱରଙ୍କ ଦୀପ୍ତିକୁ "ଲିଭାଇ ଦେଉ" ଏବଂ ପ୍ରତ୍ୟେକ ଥର ଆମେ ଯେବେ ଧାର୍ମିକତାରେ ଆଚରଣ କରୁ ଆମେ ଈଶ୍ୱରଙ୍କର ଦୀପ୍ତିକୁ "ପ୍ରଜ୍ୱଳନ" କରୁ ଯେପରି ଆମେ ରାସ୍ତାକୁ ପରିଷ୍କାର ଭାବରେ ଦେଖିପାରିବା!

## ଉତ୍ତରାଧିକାରୀ

**ହିତୋପଦେଶ 20:7**
**ଯେଉଁ ଧାର୍ମିକ ଲୋକ ଆପଣା ସରଳତାରେ ଆଚରଣ କରେ, ତାହା ଉତ୍ତାରେ ତାହାର ସନ୍ତାନଗଣ ଧନ୍ୟ ହୁଅନ୍ତି ।**

ଯଦି ଆମେ ଆମର ସରଳତାରେ ଆଚରଣ କରୁ, ଆମ ପଛରେ ଆମ ସନ୍ତାନମାନଙ୍କ ନିମନ୍ତେ ଆମେ ଏକ ଆଶୀର୍ବାଦ ଛାଡ଼ିଯାଉ ବିପରୀତକ୍ରମେ, ଯଦି ଆମେ ସରଳତାରେ ଆଚରଣ ନ କରୁ, ଆମ ପଛରେ ଆମ ସନ୍ତାନମାନଙ୍କ ନିମନ୍ତେ ଆମେ ଅଭିଶାପ ଛାଡ଼ିଯାଉ। ଆମ ପଛରେ ଯେଉଁ ଉତ୍ତରାଧିକାର ଆମ ସନ୍ତାନମାନଙ୍କ ପାଇଁ ଆମେ ଛାଡ଼ିଯାଉ ତାହା ବାସ୍ତବରେ ଆମେ ସରଳତାରେ ଆଚରଣ କରିଛୁ କି ନାହିଁ ତାହା ଉପରେ ନିର୍ଭର କରେ ।

# 6

# ଉତ୍ତର—ଉଦ୍ଧାର, ଅନୁତାପ, ଆତ୍ମତ୍ୟାଗ ଏବଂ ସମର୍ପଣ

## ମିଥ୍ୟାବାଦୀ ଆତ୍ମାର ବନ୍ଧନକୁ ଭାଙ୍ଗନ୍ତୁ

କେବଳ ସତ୍ୟ ଜାଣିବାର ସ୍ଥାନରୁ ଏହି ସତ୍ୟକୁ ଜୀବନରେ ପ୍ରୟୋଗ କରିବାର ସ୍ଥାନକୁ ଆମକୁ ଅଗ୍ରସର ହେବାକୁ ପଡ଼ିବ । ଆମେ କେତେକ ଏପରି ପରିସ୍ଥିତିରେ ଅଛୁ ଯେ ମିଛ କହିବା ଆମର ଦ୍ୱିତୀୟ ପ୍ରକୃତି ପରି ହୋଇଯାଇଛି ଏବଂ ଆମେ ଜାଣୁନା ଯେ ଆମେ କାହିଁକି ଏମିତି କରୁଛୁ । ବାଇବଲରେ ଅନ୍ତତଃ ଦୁଇଟି ସ୍ଥାନରେ ମିଥ୍ୟାବାଦୀ ଆତ୍ମା ବିଷୟରେ ଲେଖାଯାଇଛି (1ରାଜାବଳୀ 22:22,23; 2ବଂଶାବଳୀ 18:21,22) । ଏହାର ଅର୍ଥ ମନ୍ଦାତ୍ମାମାନେ ମିଥ୍ୟାକୁ ପ୍ରୋତ୍ସାହିତ କରନ୍ତି ଏବଂ ଲୋକଙ୍କର ଚରିତ୍ର ଓ ଆଚରଣକୁ ପ୍ରଭାବିତ କରନ୍ତି । ଏହା ହୋଇଥାଇପାରେ ଯେ ଆପଣ ପୁର୍ନଜନ୍ମ ପ୍ରାପ୍ତ, ଆତ୍ମାରେ ପୂର୍ଣ୍ଣ ଏବଂ ଅନ୍ୟ ଭାଷାରେ କଥା କହୁଛନ୍ତି ତଥାପି ଏକ ମିଥ୍ୟାବାଦୀ ଆତ୍ମାର ବଶରେ ରହିବା ସମ୍ଭବ । ଈଶ୍ୱରଙ୍କର ଅନ୍ୱେଷଣ କରନ୍ତୁ ଓ ସେହି ବନ୍ଧନରୁ ମୁକ୍ତ ହୁଅନ୍ତୁ!

## ମିଥ୍ୟା ପ୍ରତି ଆପଣଙ୍କ ଆଭିମୁଖ୍ୟ ବଦଳାନ୍ତୁ

**ହିତୋପଦେଶ 13:5**
**ଧାର୍ମିକ ଲୋକ ମିଥ୍ୟାକୁ ଘୃଣା କରେ; ମାତ୍ର ଦୁଷ୍ଟ ଲୋକ ଦୁର୍ଗନ୍ଧ ସ୍ୱରୂପ, ଆଉ ସେ ଲଜ୍ଜା ଭୋଗ କରେ।**

**ଗୀତସଂହିତା 119:163**
**ମୁଁ ମିଥ୍ୟାକୁ ଘୃଣା ଓ ଅଶ୍ରଦ୍ଧା କରେ; ମାତ୍ର ତୁମ୍ଭ ବ୍ୟବସ୍ଥାକୁ ମୁଁ ସ୍ନେହ କରେ ।**

ଯଦିଓ ଆମେ ଅଧିକାଂଶ ଜାଣୁ ଯେ ଅସାଧୁତା ଈଶ୍ୱରଙ୍କ ନିକଟରେ ଗ୍ରହଣୀୟ ନୁହେଁ, ଉଭୟ ଆମ ନିଜ ଭିତରେ ଓ ଅନ୍ୟମାନଙ୍କ ମଧ୍ୟରେ ଏହାକୁ ଆମେ ସହ୍ୟ କରିଥାଉ । ମିଥ୍ୟା ପ୍ରତି ସହନଶୀଳତାର ସ୍ଥାନରୁ ଯେକୌଣସି ପ୍ରକାର ଅସାଧୁତା ପ୍ରତି ଏକ ପବିତ୍ର ଅସହିଷ୍ଣୁତାର ସ୍ଥାନକୁ ଆମେ ଘୁଞ୍ଚିଯିବା ଆବଶ୍ୟକ । ଆମେ ଲୋକମାନଙ୍କ ପ୍ରତି ସହିଷ୍ଣୁ ନୋହୁଁ, କିନ୍ତୁ ମିଥ୍ୟା ଓ ଅସାଧୁତା ପ୍ରତି ବରଂ ସହିଷ୍ଣୁ ଅଟୁ।

ଆମେ ମିଥ୍ୟାକୁ ଘୃଣା କରିବା ଉଚିତ । ବାଇବଲ କହେ, *"ଧାର୍ମିକ ଲୋକ ମିଥ୍ୟାକୁ ଘୃଣା କରେ"* (ହିତୋପଦେଶ 13:5ଖ) । ମିଥ୍ୟା ପ୍ରତି ଆମେ ଆମର ମନୋଭାବ ପରିବର୍ତ୍ତନ କରିବା ଆବଶ୍ୟକ । ଆମ ଜୀବନରୁ ମିଥ୍ୟାକୁ ବାହାର କରିଦେବା ପାଇଁ ଆସୁ ଆମେ ଈଶ୍ୱରଙ୍କ ଅନୁଗ୍ରହର ଅନ୍ୱେଷଣ କରୁ । ଯଦିବା ଏହା ଆମକୁ ଆଘାତ କରେ ତଥାପି ସତ୍ୟ କହିବା ପାଇଁ ଆମେ ଦୃଢ଼ ସଙ୍କଳ୍ପବଦ୍ଧ ହେବା ।

## ଅସାଧୁତା ସହିତ ଅଂଶୀଦାର ହେବାକୁ ପ୍ରତ୍ୟାଖ୍ୟାନ କରନ୍ତୁ

**ଗୀତସଂହିତା 101:7**
**ଯେ ପ୍ରତାରଣା କରେ, ସେ ମୋ' ଗୃହ ମଧ୍ୟରେ ବାସ କରିବ ନାହିଁ । ଯେ ମିଥ୍ୟା କହେ, ସେ ମୋ' ଦୃଷ୍ଟିଗୋଚରରେ ସ୍ଥାୟୀ ହେବ ନାହିଁ ।**

ଅନ୍ୟ ଲୋକର ଅସାଧୁ କାର୍ଯ୍ୟରେ ଅଂଶଗ୍ରହଣ କରନ୍ତୁ ନାହିଁ । ଏହା ବାସ୍ତବ ଅଟେ ଯେତେବେଳେ ଆମେ ଲୋକଙ୍କ ସହିତ ମିଶି ବିଭିନ୍ନ ପ୍ରକାର କାର୍ଯ୍ୟରେ ଭାଗୀଦାର ହେଉ—ଏହା ଆମ କର୍ମସ୍ଥଳରେ କିମ୍ବା ଅନ୍ୟ ସ୍ଥାନରେ ହୋଇପାରେ । ବେଳେବେଳେ ଅନ୍ୟମାନେ ମିଛ କହିବାର ଦେଖି ମଧ୍ୟ ଆମେ ପ୍ରତିବାଦ କରି ନ ଥାଉ କିମ୍ବା ସେହି ମିଥ୍ୟାରେ ସାମିଲ ନ ହେବା ପାଇଁ ମନା କରି ନ ଥାଉ ବରଂ ନୀରବ ରହିବା ଠିକ ବୋଲି ଭାବିଥାଉ—ଅର୍ଥାତ୍ ସେହି ମିଥ୍ୟାର ଆମେ ଅଂଶୀଦାର ହେଉ । ଆମେ ମନେ କରୁ ଯେ ଏହା ସେହି ଲୋକର ମିଛ ଅଟେ, ଏବଂ ଯେହେତୁ ଆମେ ତାହା କହି ନାହୁଁ, ଆମେ ସ୍ୱଚ୍ଛ ଅଟୁ । କିନ୍ତୁ ବାସ୍ତବତା ଏହା ଯେ ତାଙ୍କର ସହର୍କମୀ ଭାବରେ ଆମେ ମଧ୍ୟ ସେହି ମିଥ୍ୟାର ଅଂଶୀଦାର ଅଟୁ ।

ମୁଁ ଜଣେ ଯୁବକକୁ ମନେ ପକାଏ ଯିଏ ଆମର ମଣ୍ଡଳୀ ଆରମ୍ଭ ହେବା ବର୍ଷରେ ପ୍ରାୟ ଏକ ବର୍ଷ ଯାଏ ସବୁ ଉପାସନାରେ, ପ୍ରାର୍ଥନା ସଭାରେ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ । ଯଦିବା ମୁଁ ତାଙ୍କୁ କିଛି କହି ନ ଥିଲି ତାଙ୍କ ପ୍ରତି ମୋର ଖୁବ୍ ଭଲ ଧାରଣା ଥିଲା । ଏକ ରବିବାରରେ ମୁଁ "ସମର୍ପଣର ଶକ୍ତି" ପ୍ରସଙ୍ଗରେ ପ୍ରଚାର କଲି ଏବଂ ଅନ୍ୟାନ୍ୟ ବିଷୟ ମଧ୍ୟରେ ସଚ୍ଚୋଟତା ପ୍ରତି ସମର୍ପିତ ରହିବା ବିଷୟ ମଧ୍ୟ ବ୍ୟାଖ୍ୟା କଲି । ମଣ୍ଡଳୀ ଉପାସନାର ଶେଷରେ ସେହି ଯୁବକ ମୋତେ ଦେଖା କରି କହିଲେ ଯେ ବିଦେଶର ଏକ ବାଇବଲ କଲେଜ ପାଇଁ ସେ ଦରଖାସ୍ତ କରିଛନ୍ତି ଏବଂ ତାଙ୍କର ଭିସା ଓ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ମୋତେ ଏକ ପତ୍ର

ଲେଖିବାକୁ ଅନୁରୋଧ କଲେ–ଯେ, ସେ ଆମ ମଣ୍ଡଳୀରେ ଏକ ବର୍ଷ ଧରି କାର୍ଯ୍ୟ କରୁଛନ୍ତି । ସେ ଏହା ମଧ୍ୟ ପତ୍ରରେ ଲେଖିବା ପାଇଁ ଚାହିଁଲେ ଯେ, ଆମ ମଣ୍ଡଳୀ ତାଙ୍କୁ ଏହି ବାଇବଲ କଲେଜରେ ପଢ଼ିବାକୁ ପଠାଉଛି ଏବଂ ପଢ଼ା ଶେଷ ପରେ ସେ ଆମ ମଣ୍ଡଳୀ ସହିତ ସେବା କରିବେ । ତେବେ ସେ ଯାହାସବୁ ପତ୍ରରେ ଲିଖିତ ହେଉ ବୋଲି ଚାହୁଁଥିଲେ ସେସବୁରେ ସତ୍ୟତା ନ ଥିଲା । ଏହା ଶୁଣି ମୁଁ ସ୍ତବ୍ଧ ହୋଇଗଲି । ଅନ୍ୟ ଏକ ଦିନ ମୋତେ ଦେଖା କରିବାକୁ ମୁଁ ତାଙ୍କୁ କହିଲି । ଯେତେବେଳେ ଆମର ଦେଖାହେଲା, ମୁଁ ତାଙ୍କୁ କହିଲି, ଯେ ସେ ଏପରି ଅନୁରୋଧ କରିବା ଠିକ୍ ନୁହେଁ । ମୁଁ ତାଙ୍କୁ କହିଲି, ମୁଁ କେବଳ ଏତିକି ଲେଖିପାରେ ଯେ ସେ ଏକ ନିର୍ଦ୍ଦିଷ୍ଟ ଅବଧିରେ ନିୟମିତ ଭାବେ ଆମ ମଣ୍ଡଳୀରେ ଯୋଗ ଦେଉଥିଲେ–ଏପରି ଲେଖି ସେହି ପତ୍ର ମୁଁ ତାଙ୍କୁ ଦେଲି ।

ଅବିକଳ ଏହି କଥା କହିବାକୁ ମୁଁ ଚେଷ୍ଟା କରୁଛି । ଆମେ ନିୟମିତ ଭାବେ ଉପାସନାରେ ଯୋଗ ଦେଇପାରୁ, ଅନେକ ସମ୍ବାଦ ଶୁଣିପାରୁ ତଥାପି ମିଛ କହିଚାଲୁ ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ରହୁ । ଯେବେ ଏହିପ୍ରକାର ଲୋକଙ୍କୁ ଆମେ ଭେଟୁ, ଆମେ ଆଶ୍ଚର୍ଯ୍ୟ ହେଉ ଯେ କେଉଁ ମଣ୍ଡଳୀରେ ଏମାନେ ଯୋଗ ଦେଉଛନ୍ତି ଏବଂ ସାଧୁତା ଓ ସଚ୍ଚୋଟତାର ଗୁରୁତ୍ୱ ବିଷୟରେ ଶିକ୍ଷା ପାଆନ୍ତି କି ନାହିଁ? ମୁଁ ଏପରି ଅନେକ ଖ୍ରୀଷ୍ଟିୟାନ ଭାଇ ଓ ଭଉଣୀଙ୍କ ଘଟଣା ସ୍ମରଣ କରିପାରେ ଯେଉଁମାନେ ଅସାଧୁତା ଓ ଅଧାର୍ମିକତାରେ ଆଚରଣ କରିଥିଲେ।

କିନ୍ତୁ ସେହି ସମସ୍ତ ବିଷୟ ବର୍ତ୍ତମାନ ପରିବର୍ତ୍ତନ ହେବା ଆବଶ୍ୟକ । ଅସାଧୁତାକୁ ସହ୍ୟ କରିବା ସ୍ଥିତିରୁ ସମସ୍ତ ପ୍ରକାର ଅସାଧୁତାକୁ ଘୃଣା ଓ ପରିତ୍ୟାଗ କରିବା ସୋପାନକୁ ଆମେ ଯିବା ଆବଶ୍ୟକ ।

## ସମର୍ପଣର ପ୍ରାର୍ଥନା

ଆସୁ ଆମ୍ଭେମାନେ ଏକ ଉତ୍ସର୍ଗର ପ୍ରାର୍ଥନା କରିବା । ଗୀତରଚକ ଏହିପରି ପ୍ରାର୍ଥନା କଲେ—*"ହେ ସଦାପ୍ରଭୁ ମୋ ମୁଖ ଆଗରେ ପ୍ରହରୀ ନିଯୁକ୍ତ କର; ମୋ ଓଷ୍ଠାଧରର କବାଟ ରକ୍ଷା କର"* (ଗୀତସଂହିତା 141:3) ଏବଂ *"ମୋ ଠାରୁ ମିଥ୍ୟା ମାର୍ଗ ଅନ୍ତର କର ଓ ଅନୁଗ୍ରହ କରି ମୋତେ ତୁମ୍ଭର ବ୍ୟବସ୍ଥା ପ୍ରଦାନ କର"* (ଗୀତସଂହିତା 119:29) ।

ଆସୁ, ଆମ୍ଭେମାନେ ଈଶ୍ୱରଙ୍କ ସମ୍ମୁଖରେ ଏକ ସଚ୍ଚୋଟତା, ସାଧୁତା ଓ ଧାର୍ମିକତାର ସ୍ଥଳକୁ ଯାଉ । ଆମେ ଜାଣୁ ଯେ ଆମେ ପରିତ୍ରାଣ ପାଇଛୁ । ଆମେ ଜାଣୁ ଯେ ଈଶ୍ୱର କରୁଣା, ପ୍ରେମ ଏବଂ ଦୟାର ଈଶ୍ୱର ଅଟନ୍ତି । କିନ୍ତୁ ତାହାକୁ ଆମେ ହାଲୁକା ଭାବେ ମାନିନେବା ଅନୁଚିତ । ଈଶ୍ୱରଙ୍କ ଅନୁଗ୍ରହ ଆମେ, ଅପବ୍ୟବହାର ନ କରୁ । ଏହି କ୍ଷେତ୍ରରେ ଆମ ସମସ୍ତଙ୍କୁ ଈଶ୍ୱରଙ୍କ ସ୍ପର୍ଶ କରିବା ଆବଶ୍ୟକ କାରଣ ଉଣା ଅଧିକେ ଆମେ ସମସ୍ତେ ଅସାଧୁ ଅଟୁ ।

## ପ୍ରାର୍ଥନା

*ହେ ଈଶ୍ୱର, ମୋ' ଠାରୁ ମିଥ୍ୟାର ମାର୍ଗ ଦୂର କର । ମୋ ମଧ୍ୟରୁ ଅସାଧୁତା ଓ ଅସଚ୍ଚୋଟତା ଦୂର କର । ଅସାଧୁତା ପ୍ରତି ମୋର ସହନଶୀଳତା ଦୂର କର ଓ ଅସାଧୁତାକୁ ଘୃଣା କରିବା ପାଇଁ ମୋତେ ସାହାଯ୍ୟ କର । ହେ ସଦାପ୍ରଭୁ, ମୋ ଜୀବନରେ ଏକ ଅସ୍ତ୍ରୋପଚାର କର । ତୁମ ଆତ୍ମାଙ୍କ ଖଣ୍ଡା ଦ୍ୱାରା ଗଭୀର ଖାତ ଖୋଳି ତାହାର ମୂଳକୁ ଉତ୍ପାଟନ କର । ଦୀର୍ଘ ସମୟ ଧରି ମୋ ଜୀବନରେ ଅସାଧୁତାକୁ ମୁଁ ସହ୍ୟ କରି ଆସିଛି, କିନ୍ତୁ ଏବେ ମୁଁ ତୁମ ନିକଟକୁ ଆସିଛି ଏବଂ ପ୍ରାର୍ଥନା କରୁଛି ତୁମେ ଏହାର ଅନ୍ତ ଘଟାଅ । ଏହାର ମୂଳରେ କୁରାଢ଼ୀ ଲଗାଇ ଏହାକୁ ମୂଳରୁ ଉତ୍ପାଟନ କର । ମୋ ମଧ୍ୟରୁ ମିଥ୍ୟା କହିବା, ଅସାଧୁତା ଓ ଅଧର୍ମ ଦୂର କର । ମୋତେ ତୁମ ସମ୍ମୁଖରେ ସରଳତାରେ ଚାଲିଥିବା ଜଣେ ବ୍ୟକ୍ତି କର ଏବଂ ବିଚାର, ଅନୁଗ୍ରହ ଓ ଆର୍ଶୀବାଦ ପାଇଁ ତୁମଠାରେ ଅପେକ୍ଷା କରିବାକୁ ଶିଖାଅ । ସତ୍ୟରେ ଆଚରଣ କରି ତୁମର ଜଣେ ସନ୍ତୋଷପାତ୍ର ବ୍ୟକ୍ତି ହେବାକୁ ମୁଁ ଚାହେଁ । ଯଦିବା ମୁଁ ଲୋକମାନଙ୍କୁ ଏହାଦ୍ୱାରା ବିଗାଡ଼ିପାରେ, ଏହା କିଛି ନୁହେଁ । ହେ ମୋର ଈଶ୍ୱର, ମୁଁ ତୁମକୁ ସନ୍ତୁଷ୍ଟ କରିବାକୁ ଚାହେଁ, ତୁମକୁ ଆମୋଦିତ କରିବାକୁ ଚାହେଁ, ତୁମେ ମୋ ବିଷୟରେ ଖୁସି ଓ ଆନନ୍ଦିତ ହୁଅ ବୋଲି ମୁଁ ଚାହେଁ । ପ୍ରଭୁ, କେବଳ ଆତ୍ମାଙ୍କ ଶୁଚୀକରଣର କାର୍ଯ୍ୟ ଏବଂ ପବିତ୍ର ଆତ୍ମାଙ୍କ ଶକ୍ତି ମୋ ପ୍ରାଣର ଗଭୀରତମ ସ୍ଥାନକୁ ଯାଇପାରିବ ଓ ମୋ ଜୀବନର ଏହି ଦୁର୍ବଳତାସବୁକୁ କାଟି ମୂଳରୁ ଉତ୍ପାଟନ କରି ପାରିବ । ମୁଁ ନିଜକୁ ତୁମ ସିଂହାସନ ସମ୍ମୁଖରେ ରଖୁଛି । ମୋ ଜୀବନରେ ତୁମେ ବର୍ତ୍ତମାନ କାର୍ଯ୍ୟ କର । ତୁମ ପବିତ୍ର ଆତ୍ମାଙ୍କ ଶକ୍ତିରେ ଏହା କର । ଯୀଶୁଙ୍କ ନାମରେ ମୁଁ ଏହି ପ୍ରାର୍ଥନା କରୁଛି । ଆମେନ୍ ।*

# ଆପଣ ଈଶ୍ୱରଙ୍କ ଜାଣନ୍ତି କି ଯିଏ ଆପଣଙ୍କୁ ପ୍ରେମ କରନ୍ତି ?

ପ୍ରାୟ 2000 ବର୍ଷ ପୂର୍ବେ, ଈଶ୍ୱର ଏହି ଜଗତକୁ ମନୁଷ୍ୟ ସଦୃଶ ହୋଇ ଆସିଲେ । ତାହାଙ୍କ ନାମ ଯୀଶୁ । ସେ ଏକ ସିଦ୍ଧତାରେର ସହିତ ପାପ ଶୂନ୍ୟ ଜୀବନଯାପନ କଲେ । ଯେତେବେଳେ ଯୀଶୁ ମାନବ ରୂପରେ ଈଶ୍ୱର ଥିଲେ । ସେ ଯାହା କିଛି କହିଲେ ଓ କରିଲେ ତାହା ଦ୍ୱାରା ସେ ଆମମାନଙ୍କ ଠାରେ ଈଶ୍ୱରଙ୍କୁ ପ୍ରକାଶ କଲେ । ସେ ଯେଉଁ ବାକ୍ୟ କହିଲେ ତାହା ବାସ୍ତବରେ ଈଶ୍ୱରଙ୍କୁ ବାକ୍ୟ ଥିଲା । ସେ ଯାହା କଲେ ଈଶ୍ୱରଙ୍କ ପରି କାର୍ଯ୍ୟ କଲେ । ପୃଥିବୀରେ ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ । ସେ ଦୁଃଖୀ ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତି ଦେଲେ, ବଧିରମାନଙ୍କୁ ଶୁଣିବା ଶକ୍ତି ଦେଲେ, ଖଞ୍ଜ ଲୋକମାନଙ୍କୁ ଚାଲିବାର ଶକ୍ତି ଦେଲେ ଏବଂ ପ୍ରତ୍ୟେକ ଅସୁସ୍ଥ ଓ ବିଭିନ୍ନପ୍ରକାରର ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅଳ୍ପକେତେକ ରୋଟୀକୁ ନେଇ ଆଶ୍ଚର୍ଯ୍ୟଭାବେ ବହୁତ ରୋଟି କଲେ ଏବଂ ହଜାର ହଜାର କ୍ଷୁଧାର୍ତ୍ତ ଲୋକଙ୍କୁ ଖୁଆଇଲେ, ଝଡ ବତାସକୁ ସ୍ଥିର କଲେ ଏବଂ ଅନେକ ଆଶ୍ଚର୍ଯ୍ୟ କର୍ମମାନ କଲେ ।

**ଏହି ସମସ୍ତ କାର୍ଯ୍ୟ ଆମଠାରେ ପ୍ରକାଶ ହେଲା ଯେପରି ଈଶ୍ୱର ଯେ ଉତ୍ତମ ବା ମଙ୍ଗଳମୟ ପରମେଶ୍ୱର ଯାହାକି ସେ ଚାହାନ୍ତି ଯେ ଲୋକମାନେ ଉତ୍ତମ ହେଉନ୍ତୁ, ସମସ୍ତେ ସୁସ୍ଥ ଓ ଖୁସିରେ ରୁହନ୍ତୁ । ଈଶ୍ୱର ଲୋକମାନଙ୍କ ଆବଶ୍ୟକତା ଯୋଗାଇବାକୁ  ଇଚ୍ଛା କରନ୍ତି ।**

ତେବେ ଈଶ୍ୱର କାହିଁକି ନିଜେ ମନୁଷ୍ୟ ହେବାକୁ ନିଷ୍ପତ୍ତି ନେଲେ ଓ ଜଗତକୁ ମନୁଷ୍ୟ ରୂପରେ ଆସିଲେ? କାହିଁକି ଯୀଶୁ ଆସିଲେ?

ଆମେ ସମସ୍ତେ ପାପ କରିଅଛୁ ଏବଂ ଯିଏ ଆମକୁ ସୃଷ୍ଟି କରିଅଛନ୍ତି ସେହି ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭେମାନେ ଅଗ୍ରହଣୀୟ ବିଷୟ ପରି କାର୍ଯ୍ୟ କରିଅଛୁ । ପାପର ପରିଣାମଗୁଡିକ ରହିଛି । ପାପ ଏକ ବିରାଟ କାନ୍ଥ ସଦୃଶ ଅଟେ ଯାହା ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ଠିଆ ହୋଇଅଛି । ପାପ ଈଶ୍ୱରଙ୍କ ଠାରୁ ଆମକୁ ଅଲଗା କରେ। ଯିଏ ଆମକୁ ସୃଷ୍ଟି କରିଅଛନ୍ତି ତାହାଙ୍କୁ ଜାଣିବା ନିମନ୍ତେ ଓ ତାଙ୍କ ସହିତ ମହତପୁର୍ଣ୍ଣ ସମ୍ପର୍କ ରଖିବାରେ ପାପ ପ୍ରତିବନ୍ଧକ ସାଜେ । ତେଣୁ, ଆମ୍ଭମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଅନ୍ୟ ବିଷୟଗୁଡ଼ିକ ସହ ଶୂନ୍ୟସ୍ଥାନରେ ପୂରଣ କରିବାକୁ ଚେଷ୍ଟା କରନ୍ତି।

ଆମ ପାପଗୁଡିକର ଅନ୍ୟ ପରିଣାମଗୁଡିକ ହେଲା ଈଶ୍ୱରଙ୍କଠାରୁ ଆମ୍ଭମାନଙ୍କୁ ଅନନ୍ତକାଳ ପୃଥକ୍ କରେ । ଈଶ୍ୱରଙ୍କ ବିଚାରଳୟରେ ପାପର ପରିଣାମ ମୃତ୍ୟୁ ଅଟେ । ମୃତ୍ୟୁ ଈଶ୍ୱରଙ୍କଠାରୁ ସର୍ବଦା ଅଲଗା ହୋଇ ନର୍କରେ ସ୍ଥାନ ପାଏ ।

କିନ୍ତୁ ସୁସମ୍ବାଦ ଏହା ଯେ ଆମେ ପାପଠାରୁ ମୁକ୍ତ ହୋଇପାରିବା ଓ ଈଶ୍ୱରଙ୍କ ସହିତ ପୁନଃ ମିଳିତ ହୋଇପାରିବା । ବାଇବଲ କହେ, ***"କାରଣ ପାପର ବେତନ ମୃତ୍ୟୁ, କିନ୍ତୁ** ଈଶ୍ୱରଙ୍କ **ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ"*** **(ରୋମୀୟ 6:23)**। ତେବେ ଯୀଶୁ ସମଗ୍ର ଜଗତର ପାପ ନିମନ୍ତେ ମୂଲ୍ୟ ସ୍ୱରୂପ ନିଜ ପ୍ରାଣକୁ କ୍

କ୍ରୁଶୀୟ ମୃତ୍ୟୁ ଦ୍ୱାରା ଦେଇଅଛନ୍ତି। ତା'ପରେ ସେ ତିନିଦିନ ପରେ ମୃତ୍ୟୁରୁ ପୁନଃଜୀବିତ ହେଲେ, ଅନେକଙ୍କୁ ସେ ଜୀବିତ ଅବସ୍ଥାରେ ଦେଖାଦେଲେ ଏବଂ ଏହାପରେ ସେ ସ୍ୱର୍ଗକୁ ଫେରିଗଲେ ।

ଈଶ୍ୱର ପ୍ରେମ ଓ ଦୟାର ଈଶ୍ୱର ଅଟନ୍ତି । ସେ ଚାହାନ୍ତି ନାହିଁ ଯେ କୌଣସି ବ୍ୟକ୍ତି ନର୍କରେ ପଡି ବିନଷ୍ଟ ନ ହୁଅନ୍ତୁ । ଆଉ ସେ ଆସିଲେ ଯେପରି ସମଗ୍ର ମାନବଜାତିକୁ ପାପରୁ ଉଦ୍ଧାର ଏବଂ ପାପର ପରିଣାମରୁ ମୁକ୍ତି ପାଇବା ପାଇଁ ଏକ ମାର୍ଗ ପ୍ରଦାନ କରନ୍ତି । ସେ ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସିଲେ—ଆପଣଙ୍କ ପରି ଲୋକମାନଙ୍କୁ ଓ ମୋତେ ପାପରୁ ଓ ଅନନ୍ତ ମୃତ୍ୟୁରୁ ଉଦ୍ଧାର କରିବାକୁ ଆସିଲେ ।

ପାପରୁ କ୍ଷମା ମୁକ୍ତ ଭାବରେ ପାଇବା ପାଇଁ, ବାଇବଲ ଆମ୍ଭମାନଙ୍କୁ କହେ ଯେ ଆମକୁ କେବଳ ଏକ କାର୍ଯ୍ୟ କରିବାକୁ ପଡ଼ିବ—ଯୀଶୁ ଖ୍ରୀଷ୍ଟ କ୍ରୁଶ ଉପରେ ଯାହା କଲେ ତାହା ବିଶ୍ୱାସ କରିବାକୁ ହେବ ଏବଂ ସର୍ବାନ୍ତଃକରଣ ସହିତ ବିଶ୍ୱାସ କରିବାକୁ ହେବ ।

***"... ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ"*** **(ପ୍ରେରିତ 10:43) ।**

***"ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ"*** **(ରୋମୀୟ 10:9) ।**

ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣଙ୍କ ପାପରୁ ପରିଷ୍କୃତ ହୋଇପାରିବେ ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବେ ।

ନିମ୍ନଲିଖିତ ଏକ ସରଳ ପ୍ରାର୍ଥନା ଦ୍ୱାରା ଆପଣଙ୍କୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଏବଂ ଆପଣଙ୍କ ନିମନ୍ତେ ସେ କ୍ରୁଶ ଉପରେ ଯାହା କରିଅଛନ୍ତି ତାହା ବିଶ୍ୱାସ କରିବାକୁ ସାହାଯ୍ୟ ହେବ । ଏହି ପ୍ରାର୍ଥନା ଆପଣଙ୍କ ନିମନ୍ତେ ଯୀଶୁ ଖ୍ରୀଷ୍ଟ କ'ଣ କରିଅଛନ୍ତି ତାହା ସ୍ୱୀକାର କରିବାକୁ ଓ ପାପ କ୍ଷମା ପାଇବାକୁ ଏବଂ ଆପଣଙ୍କ ପାପରୁ ପରିଷ୍କୃତ ହେବାକୁ ସହାୟକ ହେବ । ଏହି ପ୍ରାର୍ଥନା କେବଳ ଏକ ମାର୍ଗଦର୍ଶିକା ଅଟେ । ଆପଣ ନିଜେ ମଧ୍ୟ ନିଜ ଶବ୍ଦଗୁଡିକରେ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ଆଜି ମୁ ଜାଣିଲିଯେ, ତୁମେ ମୋ ନିମନ୍ତେ କ୍ରୁଶ ଉପରେ ଯାହା କରିଅଛ। ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ । ତୁମେ ତୁମର ବହୁମୂଲ୍ୟ ରକ୍ତ ଝରାଇ ମୋ ପାପର ମୂଲ୍ୟଦେଲ ଯେପରି ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହୁଏ । ବାଇବଲ ମୋତେ କହେ ଯେ, ଯେକେହି ତୁମଠାରେ ବିଶ୍ୱାସ କରେ ସେମାନେ ସେମାନଙ୍କ ପାପରୁ କ୍ଷମା ପ୍ରାପ୍ତ ହେବେ ।*

*ତୁମେ ମୋ ନିମନ୍ତେ ଯାହା କରିଅଛ । ତୁମେ ମୋ ନିମନ୍ତେ ପୁନର୍ଜୀବିତ ଉପରେ ମୃତ୍ୟୁଭୋଗ କଲ ଓ ମୃତ୍ୟୁରୁ ପୁନର୍ଜୀବିତ ହେଲ । ମୋ ଜାଣେ ମୁଁ ନିଜକୁ ମୋ ନିଜ ଉତ୍ତମ କାର୍ଯ୍ୟ ଦ୍ୱାରା ଉଦ୍ଧାର କରିପାରିବି ନାହିଁ କିଅବା କୌଣସି ବ୍ୟକ୍ତି ମୋତେ ଉଦ୍ଧାର କରିପାରିବେ ନାହିଁ । ମୁଁ*

*ମୋର ପାପଗୁଡ଼ିକ ନିମନ୍ତେ କ୍ଷମା ଅର୍ଜନ କରିପାରିବି ନାହିଁ ।*

*ଆଜି, ମୁଁ ହୃଦୟରେ ବିଶ୍ୱାସ କରେ ଓ ମୋ ମୁଖରେ ସ୍ୱୀକାର କରେ ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ, ମୋ ପାପର ମୂଲ୍ୟ ଦେଲ, ମୃତ୍ୟୁରୁ ପୁନର୍ଜୀବିତ ହେଲ ଏବଂ ତୁମଠାରେ ବିଶ୍ୱାସ ଦ୍ୱାରା ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହେଉଅଛି ଓ ପାପରୁ ପରିଷ୍କୃତ ହେଉଅଛି ।*

*ଧନ୍ୟବାଦ ଯୀଶୁ । ତୁମକୁ ପ୍ରେମ କରିବାକୁ, ତୁମକୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର ।*

*ଆମେନ୍ ।*

# ଅଲ୍ ପିପୁଲ୍ସ ଚର୍ଚ୍ଚ ସମ୍ବନ୍ଧରେ

ଅଲ୍ ପିପୁଲ୍ସ ଚର୍ଚ୍ଚର ଦର୍ଶନ ହେଲା ବାଙ୍ଗାଲୋର ନଗରରେ ଲବଣ ଏବଂ ଜ୍ୟୋତିଃ ସଦୃଶ୍ୟ ହେବା ନିମନ୍ତେ, ଦେଶ ଓ ଦେଶଗୁଡିକରେ ଏକ ସ୍ୱର ହେବା ନିମନ୍ତେ ।

ଅଲ୍ ପିପୁଲ୍ସ ଚର୍ଚ୍ଚ **ଏକ ଯୀଶୁ ପ୍ରେମୀ, ବାକ୍ୟ ଧ୍ୟାନ, ଆତ୍ମାରେ ପରିପୂର୍ଣ୍ଣ**, ପାରିବାରିକ ମଣ୍ଡଳୀ, ଏକ ପ୍ରୋତ୍ସାହନ କେନ୍ଦ୍ର, ଏକ ମିଶନ ଆଧାର ଓ ବିଶ୍ୱ ସୁସମାଚାର ପ୍ରସାରକ ଅଟେ ।

- ଏକ **ପାରିବାରିକ ମଣ୍ଡଳୀ** ଭାବେ,ଖ୍ରୀଷ୍ଟ-କୈନ୍ଦ୍ରିକ ସହଭାଗିତାରେ ଏକ ଗୋଷ୍ଠୀ ଭାବରେ ଆମେ ବୃଦ୍ଧି ହେଉ, ପ୍ରେମରେ ପରସ୍ପରର ଯତ୍ନ ଓ ସେବା କରି ଈଶ୍ୱରଙ୍କ ସମାବେଶ ସଦୃଶ ହେବା।
- ଏକ **ପ୍ରୋତ୍ସାହନ କେନ୍ଦ୍ର** ଭାବରେ, ପ୍ରତ୍ୟେକ ବିଶ୍ୱାସଙ୍କୁ ବିଜୟୀ ଜୀବନ କାଟିବାକୁ, ଖ୍ରୀଷ୍ଟଙ୍କ ସଦୃଶରେ ପରିପକ୍ୱ ହେବାକୁ ଓ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପୂରଣ କରିବାକୁ ଆମ୍ଭେମାନେ ସଶକ୍ତି ଓ ପ୍ରୋତ୍ସାହିତ କରୁ ।
- ଏକ **ମିଶନ ଆଧାର** ଭାବରେ, ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଯୀଶୁ ଖ୍ରୀଷ୍ଟଙ୍କ ସଂପୂର୍ଣ୍ଣ ସୁସମାଚାର ଏବଂ ପବିତ୍ର ଆତ୍ମାଙ୍କ ଶକ୍ତିର ଅଲୌକିକ ପ୍ରଦର୍ଶନ ଦ୍ୱାରା ଆମର ନଗର, ଦେଶ ଓ ଦେଶଗୁଡ଼ିକୁ ଆଶୀର୍ବାଦ କରିବା ନିମନ୍ତେ ଆମେ ମହତପୂର୍ଣ୍ଣ ସେବାକାର୍ଯ୍ୟରେ ଜଡିତ ଅଟୁ ।
- ଏକ **ବିଶ୍ୱ ସୁସମାଚାର ପ୍ରସାରକ** ଭାବରେ, ଆମେ ସ୍ଥାନୀୟ ଏବଂ ବିଶ୍ୱ ସ୍ତରରେ ସେବା କରୁ ଧର୍ମୀୟ ନେତା ଓ ଆତ୍ମାରେ ପରିପୂର୍ଣ୍ଣ ମଣ୍ଡଳିଗୁଡିକ ଦ୍ୱାରା ଯେଉଁମାନେ କି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ସେମାନଙ୍କ ଅଞ୍ଚଳରେ ପ୍ରଭାବ ପକାଇପାରିବେ ।

ଅଲ୍ ପିପୁଲ୍ସ ଚର୍ଚ୍ଚରେ, ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନରେ ଆମେ ସଂପୂର୍ଣ୍ଣ ଓ ସାଲିସବିହୀନ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରୁ । ଆମେ ଉତ୍ତମ ସଙ୍ଗୀତ, ସର୍ଜନାତ୍ମକ ଉପସ୍ଥାପନା, ବିଚକ୍ଷଣ ଦୃଃଖପ୍ରକାଶ, ସମସାମୟିକ ସେବାକାର୍ଯ୍ୟ ଶୈଳୀ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଏପରି ଅନେକ, ପବିତ୍ର ଆତ୍ମାଙ୍କ ଶକ୍ତିର ଚିହ୍ନ, ଲକ୍ଷଣ, ଆଶ୍ଚର୍ଯ୍ୟ କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଦାନରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ପଦ୍ଧତିକୁ କୌଣସି ବିଷୟ ବଦଳାଇ ପାରିବେ ନାହିଁ (1 କରିନ୍ଥୀୟ 2:4,5; ଏବ୍ରୀ 2:3,4)। ଆମର ପ୍ରସଙ୍ଗ ହେଉଛି ଯୀଶୁ, ଆମର ବିଷୟବସ୍ତୁ ହେଉଛି ବାକ୍ୟ, ଆମର ପଦ୍ଧତି ହେଉଛି ପବିତ୍ର ଆତ୍ମାଙ୍କ ଶକ୍ତି, ଆମର ଆବେଗ ହେଉଛି ଲୋକମାନେ ଓ ଆମର ଲକ୍ଷ୍ୟ ହେଉଛି ଖ୍ରୀଷ୍ଟ-ସଦୃଶ ସମସ୍ତେ ପରିପକ୍ୱତା ହେଉନ୍ତୁ।

ବାଙ୍ଗାଲୋରରେ ଆମର ମୁଖ୍ୟ ମଣ୍ଡଳୀ ସହିତ, ଅଲ୍ ପିପୁଲ୍ସ ଚର୍ଚ୍ଚର ଅନ୍ୟ ମଣ୍ଡଳୀଗୁଡିକ ଭାରତର ବିଭିନ୍ନ ସ୍ଥାନମାନଙ୍କରେ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚର ବର୍ତ୍ତମାନ ତାଲିକା ଓ ଯୋଗାଯୋଗ କରିବା ନିମନ୍ତେ ସୂଚନା ପାଇବାକୁ, ଦୟାକରି ଅଲ୍ ପିପୁଲ୍ସ ଚର୍ଚ୍ଚର ୱେବସାଇଟ ଦେଖନ୍ତୁ **apcwo.org/locations** କିମ୍ବା ଏହି ଇମେଲ ଠିକଣାରେ ମେସେଜ ପଠାନ୍ତୁ **contact@apcwo.org**

# ମାଗଣା ପ୍ରକାଶନଗୁଡିକ

A Church in Revival
A Real Place Called Heaven
A Time for Every Purpose
Ancient Landmarks
Baptism in the Holy Spirit
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling
Don't Lose Hope
Equipping the Saints
Foundations (Track 1)
Fulfilling God's Purpose for Your Life
Gifts of the Holy Spirit
Giving Birth to the Purposes of God
God Is a Good God
God's Word—The Miracle Seed
How to Help Your Pastor
Integrity
Kingdom Builders
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses—Don't Take Them
Open Heavens
Our Redemption
Receiving God's Guidance
Revivals, Visitations and Moves of God
Shhh! No Gossip!
Speak Your Faith
The Conquest of the Mind
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of Praying in Tongues
Timeless Principles for the Workplace
Understanding the Prophetic
Water Baptism
We Are Different
Who We Are in Christ
Women in the Workplace
Work—Its Original Design

ନୂଆ ବହିଗୁଡିକ ନିୟମିତ ପ୍ରକାଶନ ହେଉଥାଏ । ଦୟାକରି **apcwo.org/books** ୱେବସାଇଟ ଦେଖନ୍ତୁ ଓ ଅଲ୍ ପିପୁଲ୍ସ ଚର୍ଚ୍ଚର ପିଡିଏଫ ମାଧ୍ୟମରେ ଥିବା ଖ୍ରୀଷ୍ଟୀୟ ପୁସ୍ତକଗୁଡିକ, ଅଡିଓ ଏବଂ ଅନ୍ୟାନ୍ୟ ଭାଷାରେ ଉପଲବ୍ଧ ପୁସ୍ତକଗୁଡିକୁ ମାଗଣାରେ ଡାଉନଲୋଡ କରନ୍ତୁ । ପୁଣି ମାଗଣା ଅଡିଓ ଏବଂ ଭିଡିଓର ବାକ୍ୟ ପ୍ରଚାର, ବାକ୍ୟ ପ୍ରଚାର ଲେଖାଗୁଡିକ ଓ ଅନ୍ୟାନ୍ୟ ମାଗଣା ଉତ୍ସଗୁଡିକ ନିମନ୍ତେ **apcwo.org/sermons** ୱେବସାଇଟ ଦେଖନ୍ତୁ ।

# ଖ୍ରୀସଲିଶ କାଉନସେଲିଂ

ଖ୍ରୀସଲିଶ କାଉନସେଲିଂ ଲୋକମାନଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରେ ଯେମିତି ସେମାନେ ସମ୍ମୁଖୀନ ହେଉଥିବା ଜୀବନର ସମସ୍ୟାର ମୁକାବିଲା କରିପାରିବେ ଏବଂ ବିଜୟ ପ୍ରାପ୍ତ ହେବେ। ଖ୍ରୀସଲିଶ କାଉନସେଲିଂ ବୃତ୍ତିଗତ ଭାବେ ତାଲିମ ପ୍ରାପ୍ତ ଓ ଅନୁଭୂତି ସମ୍ପନ୍ନ ଖ୍ରୀଷ୍ଟିୟାନ ପରାମର୍ଶଦାତାମାନଙ୍କ ଏକ ଦଳ ଅଟେ।

ଆମର ସେବାକାର୍ଯ୍ୟ ସମସ୍ତ ପ୍ରକାର ବୟସ ଦଳର ଲୋକମାନଙ୍କଠାରେ ଓ ଜୀବନର ବିଭିନ୍ନ ଆହ୍ୱାନପୂର୍ଣ୍ଣ ବିଷୟଗୁଡ଼ିକ ନିମନ୍ତେ ଅଟେ ।

**କିଶୋରବସ୍ଥା**
**ବ୍ୟକ୍ତିଗତ ସମନ୍ୱୟ**
**ସମ୍ପର୍କ ସମ୍ବନ୍ଧୀୟ ଆହ୍ୱାନପୂର୍ଣ୍ଣ ବିଷୟ**
**ପାଠପଢାରେ ଅସଫଳ**
**କାର୍ଯ୍ୟ ସମ୍ବନ୍ଧୀୟ**
**ପରିବାର / ଦମ୍ପତି: ବିବାହ ପୂର୍ବରୁ/**
**ବିବାହ ପରେ ସମସ୍ୟା**
**ପିତାମାତା / ସହକର୍ମୀ / ପିଲାମାନେ / ଭାଇଭଉଣୀ**
**ଆଚରଣଗତ ବ୍ୟାଧି**
**ବ୍ୟକ୍ତିତ୍ୱ ବ୍ୟାଧି**
**ମାନସିକ / ଭାବପ୍ରବଣ ସମସ୍ୟା**
**ବିଷାଦଗ୍ରସ୍ତ / ଆଘାତପ୍ରାପ୍ତ**
**ନିଶା ସେବନ / ମଦ ନିଶାଗ୍ରସ୍ତ**
**ଆତ୍ମିକ ସମସ୍ୟା**
**ଜୀବନ ସମ୍ବନ୍ଧୀୟ**

ଖ୍ରୀସଲିଶ କାଉନସେଲିଂ ସେବାର ଦେୟ ସୁଲଭ ଓ ସୁଗମ ଅଟେ ।

ଆମର ତାଲିମପ୍ରାପ୍ତ ପରମର୍ଶଦାତାଙ୍କ ମଧ୍ୟରୁ ଜଣଙ୍କ ସହ ସାକ୍ଷାତ ସମୟ ନିର୍ଦ୍ଧାରଣ କରିବା ନିମନ୍ତେ:

**ୱେବ୍ସାଇଟ: chrysalislife.org**
**ଫୋନ ନମ୍ବର:** +91-80-25452617 କିମ୍ବା ଟୋଲ ଫ୍ରି ନମ୍ବର (କେବଳ ଭାରତ ମଧ୍ୟରେ): 1-800-300-00998)
**ଈମେଲ: counselor@chrysalislife.org**

ଖ୍ରୀସଲିଶ କାଉନସେଲିଂ,ଅଲ୍ ପିପୁଲ୍ସ ଚର୍ଚ୍ଚରବିଶ୍ୱ ସୁସମାଚାର ପ୍ରଚାରଏକ ସେବାକାର୍ଯ୍ୟ ଅଟେ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର

ସ୍ଥାନୀୟ ମଣ୍ଡଳୀ ସହ ସମଗ୍ର ଭାରତ ଦେଶରେ,ବିଶେଷ କରି ଉତ୍ତର ଭାରତରେ ସୁସମାଚାର ପ୍ରଚାର କରି ଅଲ୍ ପିପୁଲ୍ସ ଚର୍ଚ୍ଚ ନିଜ ସୀମା ବାହାରେ ମଧ୍ୟ ସୁସମାଚାର ପ୍ରଚାର କରୁଅଛି, ଏହାର ପ୍ରମୁଖ ଲକ୍ଷ୍ୟ ହେଲା (କ)ନେତାମାନଙ୍କୁ ସୁଦୃଢ କରିବା, (ଖ) ଯୁବାମାନଙ୍କୁ ସେବାକାର୍ଯ୍ୟ କରିବା ନିମନ୍ତେ ସୁସଜ୍ଜିତ କରିବା, ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଠନ କରିବା, ବର୍ଷ ସାରା ଯୁବାମାନଙ୍କ ନିମନ୍ତେ ବିଭିନ୍ନ ତାଲିମ ଶିବିର ଓ 'ଖ୍ରୀଷ୍ଟୀୟ ନେତାମାନଙ୍କ ସମାବେଶ' ଆୟୋଜନ କରାଯାଏ। ଏହା ସହିତ,ବିଶ୍ୱାସୀମାନଙ୍କୁ ବାକ୍ୟରେ ଓ ଆତ୍ମାରେ ସୁସଜ୍ଜିତ କରିବା ନିମନ୍ତେ ହଜାର ହଜାର ବହି ଇଂରାଜୀ ଓ ବିଭିନ୍ନ ଭାଷାରେ ପ୍ରକାଶନ କରି ମାଗଣାରେ ବଣ୍ଟନ କରାଯାଏ ।

ଆମେ ଆପଣମାନଙ୍କୁ ନିମନ୍ତ୍ରଣ କରୁ କି ଏକକାଳୀନ ଦାନ କିମ୍ବା ମାସିକ ଆର୍ଥିକ ଦାନ ସାହାଯ୍ୟ ଦ୍ୱାରା ଆମ ସହିତ ଅଂଶୀଦାର ହେବା ପାଇଁ । ଆମ ଭାରତ ଦେଶ ସାରା ଚାଲୁଥିବା ସେବାକାର୍ଯ୍ୟ ନିମନ୍ତେ ଯେକୌଣସି ପରିମାଣର ସାହାଯ୍ୟ ଆମକୁ ଆପଣ ସ୍ୱଇଚ୍ଛାରେ ପଠାଇ ପାରିବେ ତାହା ଅତି ପ୍ରଶଂସନୀୟ ବିଷୟ ହେବ ।

ଆପଣ ଆପଣଙ୍କ ସାହାଯ୍ୟ ଦାନ ଚେକ୍ / ବ୍ୟାଙ୍କ ଡ୍ରାଫ୍ଟ–ଦେୟକୁ "ଅଲ୍ ପିପୁଲ୍ସ ଚର୍ଚ୍ଚ" ମାଧ୍ୟମରେ ଆମ ଅଫିସ ଠିକଣାରେ ପଠାଇପାରିବେ । ଅଥବା, ଆମର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପ୍ରତ୍ୟକ୍ଷ ଭାବରେ ପଠାଇପାରିବେ ।

**ଆକାଉଣ୍ଟ ନାମ –** All Peoples Church
**ଆକାଉଣ୍ଟ ନମ୍ବର –** 50200068829058
**IFSC କୋଡ୍ –** HDFC0004367
**ବ୍ୟାଙ୍କ –** HDFC Bank, 7M/308 80Ft Rd, HRBR Layout, Kalyan Nagar, Bengaluru, Karnataka 560043

***ବିଶେଷ ସଂକ୍ଷିପ୍ତ ବିବରଣୀ:*** *ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଅବସ୍ଥିତ ବ୍ୟାଙ୍କଗୁଡ଼ିକଠାରୁ ହିଁ ସାହାଯ୍ୟ ଦାନ ଗ୍ରହଣ କରେ । ଯେତେବେଳେ ଆପଣ ସାହାଯ୍ୟ ଦାନ ପଠାନ୍ତି, ଯଦି ଦେବାକୁ ଇଚ୍ଛା କରନ୍ତି, ଆପଣ ଅଲ୍ ପିପୁଲ୍ସ ଚର୍ଚ୍ଚର କେଉଁ ବିଶେଷ ସେବାକାର୍ଯ୍ୟ ନିମନ୍ତେ ଆପଣଙ୍କ ଦାନ ବ୍ୟବହୃତ ହେଉ ବୋଲି ଚାହାନ୍ତି, ତାହା ସ୍ପଷ୍ଟ ଭାବେ ଲେଖି ଜଣାଇପାରିବେ । ଅତିରିକ୍ତ ସୂଚନା ନିମନ୍ତେ ଦେଖନ୍ତୁ: apcwo.org/give.*

ପୁଣି, ଯେତେବେଳେ ମଧ୍ୟ ହେଉ ଆପଣ ଆପଣଙ୍କ ପ୍ରାର୍ଥନାରେ ଦୟାକରି ଆମ ନିମନ୍ତେ ଓ ଆମ ସେବାକାର୍ଯ୍ୟ ନିମନ୍ତେ ସ୍ମରଣ କରୁଥାନ୍ତୁ ।


**ଆପଣଙ୍କୁ ଧନ୍ୟବାଦ ଓ ଈଶ୍ୱର ଆଶୀର୍ବାଦ କରନ୍ତୁ!**

DOWNLOAD THE FREE APP!

*Search for*
**"All Peoples Church Bangalore"
in the App or Google play stores.**

Available on the App Store

ANDROID APP ON Google play




***A daily 5-minute video devotional.***
***A daily Bible reading and prayer guide.***
***5-minute Sermon summary.***
***Toolkit with Scriptures on various topics to build faith and information to share the Gospel.***
***Resources with sermons, sermon notes, TV programs, books, music and more.***

***IF YOU LOVE IT, TELL OTHERS ABOUT IT!***

# ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ

apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ ଏବଂ ସେବାକାର୍ଯ୍ୟ ତାଲିମ କେନ୍ଦ୍ର, ବାଙ୍ଗାଲୋର, ଭାରତରେ ଅଛି, ଏଠାରେ ଆତ୍ମାରେ-ପରିପୂର୍ଣ୍ଣ, ଅଭିଷିକ୍ତ, ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତି ଓ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ ସେବା କରିବା ସହିତ ଈଶ୍ବରଙ୍କ ବାକ୍ୟର ବାସ୍ତବ ଶିକ୍ଷା ଏବଂ ବୁଦ୍ଧି ସମ୍ବନ୍ଧୀୟ ଉତ୍ସାହଜନକ ଅଧ୍ୟୟନ ଯୋଗାଇଥାଏ । ଈଶ୍ବରୀୟ ଚରିତ୍ର, ଈଶ୍ବରଙ୍କ ବାକ୍ୟର ଗଭୀରତା,ଆଶ୍ଚର୍ଯ୍ୟ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଏବଂ ପ୍ରଭୁଙ୍କ ସହିତ ଘନିଷ୍ଠ ସମ୍ପର୍କରୁ ପ୍ରବାହିତ ସମସ୍ତ ବିଷୟକୁ ଗୁରୁତ୍ବ ଦେଇ ସେବାକାର୍ଯ୍ୟ ପାଇଁ ବ୍ୟକ୍ତିର ସମ୍ପୂର୍ଣ୍ଣ ଉନ୍ନତି କରିବାରେ ଆମେ ବିଶ୍ବାସ କରୁ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜରେ (APC-BC), ଉପଯୁକ୍ତ ତଥା ହିତଜନକ ଶିକ୍ଷା ସହ ଆମେ ଈଶ୍ବରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ବରଙ୍କ ଅଲୌକିକ କାର୍ଯ୍ୟ ଉପରେ ଉପସ୍ଥାପନ କରୁ । ଅନେକ ଯୁବକ ଓ ଯୁବତୀମାନଙ୍କୁ ତାଲିମ ଦିଆଯାଇଅଛି ଏବଂ ସେମାନଙ୍କୁ ସେମାନଙ୍କ ଜୀବନରେ ଈଶ୍ବରଙ୍କ ଆହ୍ବାନକୁ ପୂରଣ କରିବାକୁ ପଠାଯାଇଅଛି ।

ଆମେ ତିନୋଟି ପ୍ରୋଗ୍ରାମ ପ୍ରଦାନ କରୁ –

- ଏକ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ସାର୍ଟିଫିକେଟ (C.Th.)
- ଦୁଇ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ଡିପ୍ଲୋମା (Dip.Th.)
- ତିନି ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ବ୍ୟାଚଲର ଡିଗ୍ରୀ (B.Th.)

**ପ୍ରତ୍ୟେକ ସପ୍ତାହର ସୋମବାରରୁ ଶୁକ୍ରବାର ସମୟ ସକାଳ (UTC+5:30) 9 ଘଣ୍ଟାରୁ ମଧ୍ୟାହ୍ନ 12 ଘଣ୍ଟା** ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଆମେ ତିନୋଟି ଶିକ୍ଷଣୀୟ ବିକଳ୍ପ ପ୍ରଦାନ କରୁ –

- **କ୍ୟାମ୍ପସରେ:** କ୍ୟାମ୍ପସରେ ବ୍ୟକ୍ତିଗତ କ୍ଲାସରେ ଯୋଗ ଦେବା ।
- **ଅନଲାଇନ:** ଅନଲାଇନ ଲାଇଭ ଶିକ୍ଷାଦାନରେ ଯୋଗ ଦେବା ।
- **ଇ-ଲର୍ଣ୍ଣିଙ୍ଗ:** ଅନଲାଇନ ପୋର୍ଟାଲ **apcbiblecollege.org/elearn** ମାଧ୍ୟମରେ ନିଜେ ଶିକ୍ଷା ଗ୍ରହଣ କରିବା ।

**ଅନଲାଇନ ଆବେଦନ** କରିବା ନିମନ୍ତେ, ଏବଂ କଲେଜ,ପାଠ୍ୟକ୍ରମ, ଯୋଗ୍ୟତା, ପାଠ୍ୟକ୍ରମ ମୂଲ୍ୟ ବିଷୟରେ ଜାଣିବା ନିମନ୍ତେ ଓ ଆବେଦନ ଫର୍ମ ଡାଉନଲୋଡ କରିବା ନିମନ୍ତେ ୱେବସାଇଟ ଦେଖନ୍ତୁ - **apcbiblecollege.org**.

ପୃଥିବୀରେ ଯେତେ ପ୍ରକାର ଦୁର୍ନୀତି ଆମ ଦେଖୁ, ବିଶେଷକରି ଆମେ ଯେତେବେଳେ ସରକାରୀ ଅଫିସ୍ କିମ୍ବା ଅନ୍ୟ ସ୍ଥାନକୁ ଯାଉ, ଆମ ସମସ୍ତଙ୍କର ଏହି ଦୁର୍ନୀତି ବିଷୟରେ କହିବା ପାଇଁ ଅନେକ କାହାଣୀ ଅଛି । ପ୍ରାୟ ସବୁ ସ୍ଥାନରେ ଆମେ ଦୁର୍ନୀତି, ଅସାଧୁତା ଓ ଲାଞ୍ଚ କାରବାରର ସମ୍ମୁଖୀନ ହୋଇଥାଉ । ଏହା ଏକ ପ୍ରଚଳିତ ଧାରା ପରି ମନେ ହୁଏ । ଅସାଧୁତା, ଠକିବା ଏବଂ ମିଛ କହିବା ପ୍ରାୟ ଗ୍ରହଣୀୟ ମନେ ହୁଏ ଯେପର୍ଯ୍ୟନ୍ତ ଏପରି କରିବାର କାରଣ ଥାଏ । ତଥାପି, ଦୁଃଖର ବିଷୟ ଏହି ଯେ ଆମେ ଈଶ୍ୱରଙ୍କ ଲୋକମାନଙ୍କ ଭିତରେ—ଅର୍ଥାତ୍ ଆମ ଭିତରେ ଅସାଧୁତା, ଅଧାର୍ମିକତା ଏବଂ ସଚ୍ଚୋଟତାର ଅଭାବ ଦେଖୁ, କାରଣ ଅନ୍ତତଃ ପକ୍ଷେ ଆମେ ଏହିସବୁ ଅଧିକ ଜାଣିବା ଆବଶ୍ୟକ ।

କିପରି ସଚ୍ଚୋଟତା, ସାଧୁତା, ପବିତ୍ରତା ଏବଂ ଧାର୍ମିକତାରେ ଚାଲିବାକୁ ହେବ ଆମେ ତାହା ଜାଣିବା ଉଚିତ କାରଣ ଆମେ ଈଶ୍ୱରଙ୍କ ବାକ୍ୟ ପଢୁ ଏବଂ ତାହା ଏହି ସମସ୍ତ ବିଷୟରେ ଶିକ୍ଷା ଦିଏ । ଆହୁରି ଖରାପ ଲାଗେ ଯେତେବେଳେ ଆମେ ପାଳକ, ପ୍ରଚାରକ, ଶିକ୍ଷକ ଓ ବାକ୍ୟର ପରିଚାରକମାନଙ୍କ ଭିତରେ ଅଧାର୍ମିକତା, ଅସାଧୁତା ଓ ସଚ୍ଚୋଟତାର ଅଭାବ ଦେଖୁ । ମୁଁ ନିଶ୍ଚିତ ଯେ, ଆମ ମଧ୍ୟରୁ ଅନେକେ ଲାଞ୍ଚୁଆ, ମିଛୁଆ, ଅସାଧୁ "ଖ୍ରୀଷ୍ଟିୟାନମାନଙ୍କ" କାହାଣୀ କହିପାରିବେ। ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକେ ସଚ୍ଚୋଟତା, ସାଧୁତା ଓ ଧାର୍ମିକତା ପ୍ରତି ସମ୍ପୂର୍ଣ୍ଣରୂପେ ସମର୍ପିତ ହୋଇ ପ୍ରତ୍ୟେକ କାର୍ଯ୍ୟ କରିବାକୁ ହେବ। ଏହି ପୁସ୍ତକ ଏ ସମସ୍ତ ଗୁଣ ଆମ ମଧ୍ୟରେ ଜାଗ୍ରତ କରିବାରେ ସାହାଯ୍ୟ କରିବ ।


**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org